ଆଜି - ଶନିବାର
ତାରିଖ - ୦୮ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୩
ତିଥି - ଦଶମୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ରୋହିଣୀ, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୮:୦୦
ସୂର୍ଯ୍ୟାସ୍ତ - ୬ : ୧୬: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ଅନ୍ୟମାନଙ୍କ ମଧ୍ୟରେ ଯେଉଁ ଭଲଗୁଣ ଅଛି, ତାକୁ ନିଜ ଭିତରକୁ ଆଣ ଏବଂ ନିଜ ଢଙ୍ଗରେ ତାକୁ ଗ୍ରହଣ କରିନିଅ; ଅନ୍ୟମାନଙ୍କ ଭଳି ହୁଅ ନାହିଁ ।"

- ସ୍ୱାମୀ ବିବେକାନନ୍ଦ


E-News : www.Ajikali epaper.com

Vol.- 41 ISSUE- 116 R.N.I. REGD. No. 44026/86 ବାଲେଶ୍ୱର ୦୮ ଅଗଷ୍ଟ ୨୦୨୬ ଶନିବାର BALASORE 08 AUGUST 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗଦେଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ୨୦୨୫ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତର ସମୃଦ୍ଧ ଏବଂ ବିବିଧ ହସ୍ତତନ୍ତ ବୟନ ପରମ୍ପରାକୁ ସମ୍ମାନ ପ୍ରଦର୍ଶନ କରୁଥିବା ୪ଟି ସ୍ମାରକୀ ଡାକଟିକଟ ମଧ୍ୟ ଉନ୍ମୋଚନ କରାଯାଇଥିଲା । ରାଷ୍ଟ୍ରପତି ଏହି ଅବସରରେ ଦେଶର ମୋଟ୍ ୨୨ ଜଣ ବୁଣାକାରଙ୍କୁ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ୨୦୨୫ ପ୍ରଦାନ କରିଛନ୍ତି । ଏମାନଙ୍କ ମଧ୍ୟରୁ ତିନି ଜଣ ବୁଣାକାର ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି । କାର୍ଯ୍ୟକ୍ରମରେ ଓଡ଼ିଶାର ଦୁଇ ଜଣ ବୁଣାକାର ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ବରଗଡ଼ ଜିଲ୍ଲାର ଜଣାଶୁଣା ବୁଣାକାର ରାମ ମେହେର ବିଚିତ୍ରପୁରୀ ଖଦୀ ଶାଢ଼ୀ ବୁଣାରେ ଅସାଧାରଣ ଦକ୍ଷତା ନିମନ୍ତେ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ପାଇଛନ୍ତି । ଅତାବିରା ଝିଲିମିଣ୍ଡା ଗ୍ରାମର ବାସିନ୍ଦା ଶ୍ରୀ ମେହେରଙ୍କର ବିଚିତ୍ରପୁରୀ ବା ବିଚିଟପର ଶାଢ଼ୀ ବୁଣା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି । ସେହିପରି ଜଗତସିଂହପୁର ଜିଲ୍ଲା ବାଇଜଙ୍ଗା ସିଙ୍ଗିପୁର ଅଂଚଳର ବୁଣାକାର ପ୍ରଫୁଲ୍ଲ କୁମାର ସାହୁ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ହସ୍ତତନ୍ତ ପୁରସ୍କାର ପାଇଛନ୍ତି । ପାରମ୍ପରିକ ଜଗତସିଂହପୁର ଶାଢ଼ୀ ବୁଣା କ୍ଷେତ୍ରରେ ଦୀର୍ଘଦିନର ଅଭିଜ୍ଞତା ଏବଂ ଏହି ପାରମ୍ପରିକ ପଦ୍ଧତିର ପ୍ରୋତ୍ସାହନ ନିମନ୍ତେ ଶ୍ରୀ ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ ହସ୍ତତନ୍ତ ଦିବସ ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଶହ ଶହ ବର୍ଷ ଧରି ହସ୍ତତନ୍ତ ଭାରତୀୟ ସଭ୍ୟତାର ବିବର୍ତ୍ତନ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି । ଏହା ଆମ ଦେଶର ଅସାଧାରଣ ବିବିଧତାକୁ ପ୍ରତିଫଳିତ କରେ ଏବଂ ଆମର ଆଂଚଳିକ ସ୍ୱତନ୍ତ୍ରତାକୁ ସଂରକ୍ଷଣ କରିଆସିଛି । ହସ୍ତତନ୍ତ କ୍ଷେତ୍ର ରୋଜଗାର, ମହିଳା ସଶକ୍ତିକରଣ, କଳା ଓ ସଂସ୍କୃତି ଏବଂ ପ୍ରକୃତି ପ୍ରତି ଭଲ ପାଇବାକୁ ପ୍ରୋତ୍ସାହିତ କରେ । ହସ୍ତତନ୍ତକୁ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଆତ୍ମନିର୍ଭରଶୀଳତା ଭାବନା ସହିତ ମଧ୍ୟ ଯୋଡାଯାଇଛି । ରାଷ୍ଟ୍ରପତି କହିଛନ୍ତି ଯେ ସ୍ୱଦେଶୀ ଆନ୍ଦୋଳନ ଆନୁଷ୍ଠାନିକ ଭାବରେ ୭ ଅଗଷ୍ଟ, ୧୯୦୫ରେ ଆରମ୍ଭ ହୋଇଥିଲା । ବଙ୍ଗ ବିଭାଜନର ପ୍ରତିବାଦରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା ସ୍ୱଦେଶୀ ସାମଗ୍ରୀ, ଘରୋଇ ଶିଳ୍ପ ଏବଂ ବିଶେଷକରି ଦେଶର ହସ୍ତତନ୍ତ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବା । ଏହି ଐତିହାସିକ ଘଟଣାର ସ୍ମୃତିରେ ଭାରତ ସରକାର ୨୦୧୫ ମସିହାରୁ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବରେ ପାଳନ କରିଆସୁଛନ୍ତି । ଜାତୀୟ ହସ୍ତତନ୍ତ ଦିବସରେ ହସ୍ତତନ୍ତ କ୍ଷେତ୍ର ସହ ଜଡିତ ସମସ୍ତଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଆମ ଦେଶର ସାଂସ୍କୃତିକ ଏକତାକୁ ପରିଭାଷିତ କରୁଥିବା ବିବିଧତାର ଏକ ଉତ୍ସବ । ଏହା ସରକାର ଏବଂ ବୟନ ସମ୍ପ୍ରଦାୟର ସହଭାଗୀ ପ୍ରୟାସକୁ ସ୍ୱୀକାର କରିବାର ଏକ ଅବସର ଯାହା ଭାରତର ହସ୍ତତନ୍ତ କ୍ଷେତ୍ର ପାଇଁ ଏକ ଶ୍ରେଷ୍ଠ ଗୁଣାତ୍ମକ ପ୍ରତିଛବି ପ୍ରତିଷ୍ଠା କରୁଛି । ରାଷ୍ଟ୍ରପତି କହିଛନ୍ତି ଯେ ଭାରତର ଗ୍ରାମୀଣ ପ୍ରିମିୟମ୍ ଅର୍ଥବ୍ୟବସ୍ଥାର ଏକ ପ୍ରମୁଖ, ମାନବ-କେନ୍ଦ୍ରିକ ଉଦାହରଣ ଭାବରେ ଆମର ହସ୍ତତନ୍ତ କ୍ଷେତ୍ରର ଉଭା ହେବାର ସମ୍ଭାବନା ଯଥେଷ୍ଟ ବୃଦ୍ଧି ପାଇଛି । ପ୍ରମୁଖ ହସ୍ତତନ୍ତ କ୍ଲଷ୍ଟରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସମସାମୟିକ ତାଲିମ ପଦ୍ଧତି ସହିତ ସଂଯୋଗ କରାଯାଉଛି । ସରକାର ବୁଣାକାରମାନଙ୍କ ଆୟ ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହି କ୍ଷେତ୍ରକୁ ଏକ ପ୍ରାମାଣିକ ସାଂସ୍କୃତିକ ଅର୍ଥବ୍ୟବସ୍ଥାରେ ପରିଣତ କରିବା ପାଇଁ ସରକାରଙ୍କ ପ୍ରୟାସ ସହ ଭାରତୀୟ ହସ୍ତତନ୍ତ କ୍ଷେତ୍ରର ଅନ୍ତର୍ଜାତୀୟ ପ୍ରତିଷ୍ଠା ବୃଦ୍ଧି ପାଉଛି ଜାଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ । ରାଷ୍ଟ୍ରପତି କହିଥିଲେ, ପ୍ରଯୁକ୍ତିବିଦ୍ୟା ଏବଂ ଅଭିନବ ଡିଜାଇନକୁ ନେଇ ଅନେକ ପ୍ରତିଭାବାନ ଯୁବ ଉଦ୍ୟୋଗୀ ଏହି କ୍ଷେତ୍ରରେ ପ୍ରବେଶ କରୁଛନ୍ତି । ସରକାରୀ ଯୋଜନା ଏବଂ ପ୍ରତିଷ୍ଠାନ ମାଧ୍ୟମରେ ଯୁବପିଢ଼ିଙ୍କୁ ସକ୍ରିୟ ଭାବରେ ପ୍ରୋତ୍ସାହନ ଦେବା ଉଚିତ ଯାହା ଦ୍ୱାରା ସେମାନଙ୍କର ଉତ୍ସାହ ଏବଂ ଦକ୍ଷତା ଏହି କ୍ଷେତ୍ରର ଦୀର୍ଘକାଳୀନ ତଥା ବହୁମୁଖୀ ସଫଳତା ସୁନିଶ୍ଚିତ କରିପାରିବ । ଯୁବ ଉଦ୍ୟୋଗୀ, ଡିଜାଇନର୍ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ଧାରା, ବ୍ରାଣ୍ଡ ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହିତ ଯୋଡ଼ି ଏହି କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରିପାରିବେ । ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଏବଂ ବୁଣାକାର ସେବା କେନ୍ଦ୍ରଗୁଡ଼ିକର ତତ୍ତ୍ୱାବଧାନରେ ଡିଜାଇନ୍ ସମ୍ବଳ କେନ୍ଦ୍ରଗୁଡ଼ିକ ଏହି କ୍ଷେତ୍ରରେ ଯୁବପିଢ଼ିଙ୍କୁ ନିୟୋଜିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଛନ୍ତି ବୋଲି ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ ।

## ଆଜି ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୮ ଅଗଷ୍ଟ ୨୦୨୬ ପୂର୍ବାହ୍ନ ୧୧ଟା ସମୟରେ ଆଇଆଇଟି ଦିଲ୍ଲୀର ୫୬ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ । ଏହି ଅବସରରେ ସେ ୩୦୦୦ରୁ ଅଧିକ ସ୍ନାତକଙ୍କୁ ଉଦ୍ବୋଧନ ଦେବେ । ଏଥିସହ ୫୮୭ ଜଣ ପିଏଚ୍ଡି ଗବେଷକମାନଙ୍କୁ ଏହି ଉତ୍ସବରେ ଡିଗ୍ରୀ ପ୍ରଦାନ କରାଯିବ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଦେଇ, ପ୍ରଧାନମନ୍ତ୍ରୀ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରିବେ । ଏଥିରେ 'ପ୍ରେସିଡେଂଟସ୍ ଗୋଲ୍ଡ ମେଡାଲ', 'ଡାଇରେକ୍ଟର୍ସ ଗୋଲ୍ଡ ମେଡାଲ', 'ଶଙ୍କର ଦୟାଲ ଶର୍ମା ଗୋଲ୍ଡ ମେଡାଲ' ଏବଂ 'ପରଫେକ୍ଟ ଟେନ୍ ଗୋଲ୍ଡ ମେଡାଲ' ଅନ୍ତର୍ଭୁକ୍ତ । ଅତ୍ୟାଧୁନିକ ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରରେ ଅଗ୍ରଗତି ପାଇଁ ଭାରତର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରି, ପ୍ରଧାନମନ୍ତ୍ରୀ 'ପରମ ପ୍ରଜ୍ଞା'ର ଉଦ୍ଘାଟନ କରିବେ । ଏହା ଆଇଆଇଟି ଦିଲ୍ଲୀର ସୋନିପତ କ୍ୟାମ୍ପସ୍ରେ ସ୍ଥାପିତ ଏକ ଏଆଇ ଚାଳିତ ଉଚ୍ଚ-କ୍ଷମତା ସମ୍ପନ୍ନ ସୁପରକମ୍ପ୍ୟୁଟିଂ ସୁବିଧା ଅଟେ । ଏହି ଅତ୍ୟାଧୁନିକ ସୁବିଧା ଏଆଇ, ଡାଟା ସାଇନ୍ସ, ଆଡଭାନ୍ସଡ୍ କମ୍ପ୍ୟୁଟିଂ ଏବଂ ବିଭିନ୍ନ ବିଷୟଭିତ୍ତିକ ଗବେଷଣା କ୍ଷେତ୍ରରେ ଅନୁଷ୍ଠାନର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି ।

## ଅଳ୍ପରେ ଖବର

» ଇ- ଲଟେରୀ ଜରିଆରେ ନିଲାମ ହେବ ଶହେରୁ ଅଧିକ ବାଲି ଖାଦାନ । ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ଏମଏସପିରୁ ଅଧିକ ରେଟରେ ବାଲି ବିକ୍ରି ହୋଇପାରିବନି ।

» ଭାରତ ରତ୍ନ ଡ଼. ଏମଏସ ସ୍ୱାମୀନାଥନଙ୍କ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ରତ୍ନ ଡ଼. ଏମ୍. ଏସ୍. ସ୍ୱାମୀନାଥନଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ।

» ଲୋକସଭାରେ ଶୁକ୍ରବାର ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ 'ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ (ସଂଶୋଧନ) ବିଲ୍, ୨୦୨୬' ବାଚନିକ ଭୋଟରେ ପାରିତ ହୋଇଛି ।

» ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଶୁକ୍ରବାର ଦିନ ରାଜ୍ୟସଭାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଉପସ୍ଥିତି ଦାବି କରି ବିରୋଧୀଙ୍କ ପ୍ରତିବାଦର ଜବାବ ଦେଇଛନ୍ତି ।

## ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳିତ

## ରାଜ୍ୟପାଳଙ୍କ କରକମଳରେ ପ୍ରମୁଖ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ୭ ଅଗଷ୍ଟ ୨୦୨୬ ରେ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ପାଳିତ ହୋଇଯାଇଛି । ଏହା ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁରକ୍ଷିତ ରଖିବା, ବୁଣାକାର ସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ସହ ହସ୍ତତନ୍ତ କ୍ଷେତ୍ରରେ ନୂତନତା, ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି । ଏହି ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଯୋଗଦେଇଥିବା ବେଳେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ, ଓଡ଼ିଶା ଶ୍ରୀ ପ୍ରଦିପ ବଳ ସାମନ୍ତ ; କମିଶନର-ତଥା-ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶ୍ରୀମତୀ ଗୁହା ପୁନମ ତାପସ କୁମାର (ଭା.ପ୍ର.ସେ.); ବରିଷ୍ଠ ବିଭାଗୀୟ ଅଧିକାରୀ; ମାଷ୍ଟର ବୁଣାକାର; ଡିଜାଇନର; ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ; ବୁଣାକାର ସମବାୟ ସମିତିର ପ୍ରତିନିଧି; ଅନୁଷ୍ଠାନ; ଶିଳ୍ପ ଅଂଶୀଦାର, ଉଦ୍ୟୋଗୀ ଏବଂ ହସ୍ତତନ୍ତ ଓ ବୟନ କ୍ଷେତ୍ରର ଅନ୍ୟାନ୍ୟ ସମ୍ମାନିତ ଅତିଥି ମଧ୍ୟ ଯୋଗଦାନ କରିଛନ୍ତି । କାର୍ଯ୍ୟକ୍ରମର ଅଂଶ ଭାବରେ, ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ କରକମଳରେ ଅନେକ ପ୍ରମୁଖ ପ୍ରକଳ୍ପ ଯଥା ଜଗତସିଂହପୁରରେ କସ୍ତା ଭବନ; ସୁକିନ୍ଦା, ଯାଜପୁରରେ ଟସର ସିଲ୍କ ପାର୍କ ଓ ସୁବିଧା କେନ୍ଦ୍ର ; ଅଭିମାନପୁର, କଟକରେ ହସ୍ତତନ୍ତ ଓ କୃତ୍ରିମ ବୁଦ୍ଧିମତା ପାର୍କ; ଗୁଜରାଟ, କଳାହାଣ୍ଡିରେ ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତି ମାନଙ୍କ ପାଇଁ ସାତଟି କ୍ଷୁଦ୍ର ପୋଷାକ ୟୁନିଟ୍; ଯାଜପୁର, କଳାହାଣ୍ଡି ଏବଂ କଟକର ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତି ମାନଙ୍କ ପାଇଁ ତିନୋଟି ବିକ୍ରୟ କେନ୍ଦ୍ରର ଭର୍ଚୁଆଲ ମାଧ୍ୟମରେ ଭିତିପ୍ରସ୍ତର ସ୍ଥାପନ କରାଯାଇଛି ।

## ଦିଲ୍ଲୀରେ ଶିଳ୍ପପତିଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀରେ ଆଜି ଶିଳ୍ପପତିମାନଙ୍କୁ ଭେଟି ଓଡ଼ିଶାରେ ନିବେଶ ସମ୍ପର୍କରେ ପ୍ରତ୍ୟକ୍ଷ ଆଲୋଚନା କରିଛନ୍ତି । ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ ନିବେଶକ ସମ୍ମିଳନୀ ଓ ରୋଡ୍ସୋ ପରିପ୍ରେକ୍ଷୀରେ ସେ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି । ସେ ଚିରିପାଲ୍ ପଲିଫିଲ୍ମସର ସିଇଓ ସୁମନ୍ତ ସିଂଘଲ, ହିନ୍ଦୁସ୍ତାନ କୋକାକୋଲା ବେଭରେଜେସ୍ର ସିଇଓ ଓ ନିର୍ଦ୍ଦେଶକ ହେମନ୍ତ ରୁପାନି, ବାଲାଜୀ ୱାଫର୍ସର ନିର୍ଦ୍ଦେଶକ ଶ୍ୟାମ ଭିରାନି ଓ କେୟୁର ଭିରାନି, ଲେଟ୍ସ ଟ୍ରାଏର ସିଇଓ ତଥା ପ୍ରତିଷ୍ଠାତା ବିନୋଦ କାଲ୍ରା, ବିୟଣ୍ଡ ସ୍ନାକ୍ସର ପ୍ରତିଷ୍ଠାତା ମାନସ ମଧୁଙ୍କୁ ଭେଟିବା ସହ ଆଲୋଚନା କରିଥିଲେ । ଏହି କମ୍ପାନିଗୁଡ଼ିକ ସହିତ ରାଜ୍ୟ ସରକାର ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି । ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ରେ ରାଜ୍ୟ ସରକାର ୧୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ମଧ୍ୟ ଶିଳ୍ପ ପ୍ରତିନିଧିମାନଙ୍କୁ ଭେଟିଥିଲେ ।

## ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ ଅନୁଷ୍ଠିତ

## ବ୍ରିକ୍ସ ସହଯୋଗ ପାଇଁ ଜନକୈନ୍ଦ୍ରିକ ଓ ମାନବିକତା ଆଭିମୁଖ୍ୟ ପ୍ରତି ଭାରତର ପ୍ରତିବଦ୍ଧତାକୁ ଦୋହରାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ




ଭୁବନେଶ୍ୱର : ବ୍ରିକ୍ସ ସହଯୋଗରେ ଜନ କୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ । ଶ୍ରୀ ଯୋଶୀ ଆଜି ଭୁବନେଶ୍ୱରରେ ଅନୁଷ୍ଠିତ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କ ତ୍ରୟୋଦଶ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ବ୍ରିକ୍ସ ଶିକ୍ଷା ମନ୍ତ୍ରୀମାନଙ୍କ ତ୍ରୟୋଦଶ ଘୋଷଣାନାମା ଗୃହୀତ ହୋଇଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ବ୍ରିକ୍ସ ସହଯୋଗୀଙ୍କ ସହିତ ଘନିଷ୍ଠ ଭାବେ କାର୍ଯ୍ୟ କରିବା ଲାଗି ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଏହି ବୈଠକରେ ସୃଷ୍ଟି ହୋଇଥିବା ଧାରା ଫଳପ୍ରଦ ପରିଣାମ ଆଣିବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ୨୦୨୬ର ବାର୍ତ୍ତା "ଦୃଢ଼ତା, ନବସୃଜନ, ସହଯୋଗ ଏବଂ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ" ବିଷୟରେ ଉଲ୍ଲେଖ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ, ଶିକ୍ଷା ବ୍ୟବସ୍ଥା ମାନବୀୟ ମୂଲ୍ୟବୋଧର ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହିବା ସହିତ ଯୁବପିଢ଼ିଙ୍କୁ ପରିବର୍ତ୍ତିତ ସୁଯୋଗ ପାଇଁ ପ୍ରସ୍ତୁତ କରିବା ଉଚିତ୍ । ବିଦ୍ୟାର୍ଥୀ, ଶିକ୍ଷକ, ଗବେଷକ ଓ ଯୁବପିଢ଼ିଙ୍କୁ ନୀତି ନିର୍ଦ୍ଧାରଣ ଏବଂ ଅନ୍ତର୍ଜାତୀୟ ସହଯୋଗର କେନ୍ଦ୍ରରେ ରଖାଯିବା ଆବଶ୍ୟକ । ଶ୍ରୀ ଯୋଶୀ କହିଥିଲେ, ଶିକ୍ଷା ହେଉଛି ସମାବେଶୀ ବିକାଶ ଏବଂ ସହଭାଗୀ ସମୃଦ୍ଧିର ମୂଳଦୁଆ । ଆଜିର ବୈଠକରେ ଗୃହୀତ ହୋଇଥିବା ଘୋଷଣାନାମା ପାଂଚଟି ପ୍ରାଥମିକତା କ୍ଷେତ୍ରରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯୋଶୀ ନୂତନତ୍ୱ ଓ ଐତିହ୍ୟ ପରସ୍ପରର ପରିପୂରକ ବୋଲି ମତବ୍ୟକ୍ତ କରି ପାରମ୍ପରିକ ଏବଂ ସ୍ୱଦେଶୀ ଜ୍ଞାନ ପ୍ରଣାଳୀର ସଂରକ୍ଷଣ ଓ ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଥିଲେ । ପାରମ୍ପରିକ ଜ୍ଞାନକୁ ସଂରକ୍ଷଣ କରିବା, ଏହାକୁ ଗଭୀର ଭାବରେ ଅଧ୍ୟୟନ କରିବା ଏବଂ ଭବିଷ୍ୟତ ପିଢ଼ିକୁ ଏହାର ମୂଲ୍ୟ ପ୍ରଦାନ କରିବା ଲାଗି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ସମୃଦ୍ଧ ସଭ୍ୟତା ଏକ ଅନନ୍ୟ ସୁଯୋଗ ପ୍ରଦାନ କରିଛି । ଶ୍ରୀ ଯୋଶୀ ଏକ ପ୍ରାଚୀନ ଶିକ୍ଷା କେନ୍ଦ୍ର ଭାବରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଉପରେ ମଧ୍ୟ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ଭାରତର ଦୀର୍ଘସ୍ଥାୟୀ ସଭ୍ୟତାଗତ ମୂଲ୍ୟବୋଧ "ଅତିଥି ଦେବୋ ଭବ" ଏବଂ "ବସୁଧୈବ କୁଟୁମ୍ବକମ" ଉପରେ ଆଲୋକପାତ କରିଥିଲେ ।

## ବାଲେଶ୍ୱରରେ ବନ୍ୟା ବିପତି : ବିପଦ ସଙ୍କେତ ଟପିଲା ଜଳକା ନଦୀ



ବାଲେଶ୍ୱର: ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପରିସ୍ଥିତି ଧୀରେ ଧୀରେ ଉଦବେଗଜନକ ହେବାରେ ଲାଗିଛି । ଉପରମୁଣ୍ଡରେ ଅବିଶ୍ରାନ୍ତ ବର୍ଷା କାରଣରୁ ଜିଲ୍ଲାର ପ୍ରମୁଖ ନଦୀ ଜଳକାର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି । ବସ୍ତା ବ୍ଲକ ମଥାନୀ ନିକଟରେ ନଦୀର ଜଳସ୍ତର ବିପଦ ସଙ୍କେତ ଟପି ପ୍ରବାହିତ ହେଉଥିବାରୁ ସ୍ଥାନୀୟ ତଳିଆ ଅଂଚଳରେ ଏବେ ବଡ଼ ଧରଣର ବନ୍ୟା ଆଶଙ୍କା ଦେଖାଦେଇଛି । ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡ଼ା ଏବଂ ରାସଗୋବିନ୍ଦପୁର ଆଦି ଉପରମୁଣ୍ଡ ଅଂଚଳରେ ଗତ କିଛି ଦିନ ହେବ ବ୍ୟାପକ ବର୍ଷା ଜାରି ରହିଛି । ଫଳରେ ଜଳକା ନଦୀରେ ବନ୍ୟା ଜଳର ପ୍ରବାହ ତୀବ୍ର ହୋଇଯାଇଛି । ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୫.୫୦ ମିଟର ରହିଥିବା ବେଳେ ବର୍ତ୍ତମାନ ଏହା ବିପଦ ସ୍ତର ଉପରେ ପ୍ରବାହିତ ହେଉଛି । ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ନଦୀକୂଳିଆ ଗାଁଗୁଡ଼ିକରେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି । ପାଣିପାଗ ବିଭାଗ ପକ୍ଷରୁ ଆଗାମୀ କିଛି ଦିନ ଆହୁରି ବର୍ଷା ହେବାର ପୂର୍ବାନୁମାନ କରାଯାଇଥିବାରୁ ସ୍ଥିତି ଅଧିକ ସଙ୍ଗିନ ହେବାର ଆଶଙ୍କା ରହିଛି । ଯଦି ନଦୀର ଜଳସ୍ତର ଆହୁରି ବଢ଼େ କିମ୍ବା ବନ୍ଧରେ କୌଣସି ଘାଇ ସୃଷ୍ଟି ହୁଏ, ତେବେ ବସ୍ତା ବ୍ଲକର ମଥାନୀ, ବାହାର୍ଦ୍ଦା, ଦୁଧହଂସା, ସଦାନନ୍ଦପୁର, ବରୁଣଗଡ଼ିଆ ଓ ଦରିଆ ଭଳି ପ୍ରାୟ ସାତୋଟି ପଂଚାୟତ ସମେତ ସଦର ବ୍ଲକର କିଛି ପଂଚାୟତ ସଂଧାସଳଖ ଜଳମଗ୍ନ ହେବ । ପୂର୍ବ ବର୍ଷମାନଙ୍କରେ ମଧ୍ୟ ବନ୍ୟା ଯୋଗୁଁ ଏହି ଅଂଚଳରେ ହଜାର ହଜାର ହେକ୍ଟର ଚାଷ ଜମି ନଷ୍ଟ ହେବା ସହ ଲୋକଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଥିଲା । ବନ୍ୟା ପାଣି ପଶିବା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବାର ଭୟ ମଧ୍ୟ ସୃଷ୍ଟି ହୋଇଛି । ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି । ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକରେ ବାଲିବସ୍ତା ପକାଯାଇ ମରାମତି କାମକୁ ତ୍ୱରାନ୍ୱିତ କରାଯାଉଛି ।

# ବାହାବଳପୁର ରେ ଉଦବୃତ ବର୍ଷା ଜଳ ନିଷ୍କାସନ କ୍ଷେତ୍ର ରେ ପ୍ରଶାସନର ଅଣଦେଖା
# ଜଳ ସ୍ରୋତ ନଥିବା ନାଳରୁ ଖୋଳି ଦେଲେ ସଂଯୋଗକାରୀ ରାସ୍ତା

ବାଲେଶ୍ୱର(ନି.ପ୍ର.) ବିଗତ ଲଘୁଚାପ ଜନିତ ବର୍ଷା ଓ ବନ୍ୟା ଯୋଗୁଁ ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର, ପରିଖୀ, ଗୋପୀନାଥପୁର ସମେତ ଆଖ ପାଖ ପଂଚାୟତ ର ହଜାର ହଜାର ପରିବାର ଙ୍କ ଅବସ୍ଥା ବେହାଲ ହୋଇ ପଡିଛି । ଚାଷବାସ ସମ୍ପୂର୍ଣ୍ଣ ଭାବେ ଉଜୁଡି ଯାଇଛି । ଏବେ ବି ଚାଷ ଜମି ରେ ତିନି ଫୁଟ ଉଚ୍ଚତା ରେ ବର୍ଷା ଜଳ ଜମି ରହିଛି । ଗତ ତିନି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାହାବଳପୁର ପଂଚାୟତ ର ବନ୍ୟା ପ୍ଲାବନ ଅଂଚଳ ପରିଦର୍ଶନ କରିବା ସମୟ ରେ ଉପସ୍ଥିତ ବରିଷ୍ଠ ସରକାରୀ ଅଧିକାରୀ ଙ୍କୁ ସରକାରୀ ନାଳ ଉପରେ ନିର୍ମାଣ ହୋଇଥିବା ଦୋକାନ ଘର ଓ ମାର୍କେଟ କମ୍ପ୍ଲେକ୍ସ ଗୁଡିକୁ ତୁରନ୍ତ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସଦର ତହସିଲଦାର ଅନିଲ ମହାନ୍ତି ଓ ସାମୁଦ୍ରିକ ଥାନା ର ପୋଲିସ କର୍ମଚାରୀଙ୍କ ଉପସ୍ଥିତି ରେ ଜେସିବି ମେସିନ ଲଗାଇ ପୃଥ୍ୱୀରାଜ ମଣ୍ଡଳଙ୍କ ପ୍ଲଟ କୁ ସଂଯୋଗ କରୁଥିବା ସଂଯୋଗକାରୀ ପୋଲ ସମେତ ଅନ୍ୟ ପାଂଚ ଜଣ ଲୋକଙ୍କ ପ୍ଲଟ କୁ ସଂଯୋଗ କରୁଥିବା ରାସ୍ତା କୁ ତାଡି ଦେଇଛନ୍ତି । ଶ୍ରୀ ମଣ୍ଡଳ ଙ୍କ ଘରକୁ ସଂଯୋଗ କରୁଥିବା ରାସ୍ତା ରେ ଚାରି ଫୁଟ ଓସାର ଓ ଆଠ ଫୁଟ



ଲମ୍ୱର ଚାରୋଟି ହ୍ୟୁମ ପାଇପ ପକାଇ ଉଭୟ ପାର୍ଶ୍ୱ ରେ ଏଗାର ଫୁଟ ଉଚ୍ଚତା ରେ ଗାର୍ଡ ୱାଲ ଗତ ଦୁଇ ବର୍ଷ ତଳେ ନିର୍ମାଣ କରିଥିଲେ । ତେବେ ଅନ୍ୟ ପାଂଚ ଜଣ ହ୍ୟୁମ ପାଇପ ନ ପକାଇ ପ୍ରାକୃତିକ ନାଳ କୁ ମାଟି ରେ ପୋତି ନିଜ ନିଜ ଘରକୁ ଯାତାୟାତ କରୁଥିଲେ । ବାହାବଳପୁର ର ଚିରିଗୁଣୀ ଗ୍ରାମ ର ହନୁମାନ ଛକ ନିକଟ ରେ ଏଭଳି ଘଟଣା ଘଟି ଥିବା ବେଳେ ବାମ ପାର୍ଶ୍ୱ ରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ପୋଲ ର ଉଚ୍ଚତା କମ ଓ ଚାରୋଟି ହ୍ୟୁମ ପାଇପ ପଡ଼ିଥିଲେ ହେଁ ସଦର ତହସିଲଦାର ଙ୍କ ଦ୍ୱାରା ଆସିଥିବା ଜେ ସି ବି ମେସିନ ତାହା କୁ ଭାଙ୍ଗି ନାହିଁ । ଅପର ପକ୍ଷରେ ପ୍ରକୃତିକ ନାଳ ଉପରେ କିଛି ଲୋକ ପିଲର ଉଠାଇ ଚାରୋଟି ରୁ ଅଧିକ ଦୋକାନ ଗୃହ କରି ଭଡ଼ା ସୂତ୍ର ରେ ଅର୍ଥ ଆଦାୟ କରୁଥିଲେ ମଧ ସେଗୁଡିକୁ ଭଙ୍ଗା ଯାଇ ନାହିଁ । ଏହି ଦୋକାନ ଘର ଗୁଡିକୁ ଭାଙ୍ଗିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ. ମାତ୍ର ତହସିଲଦାର ଜିଲ୍ଲା ପାଳ ଙ୍କ ନିର୍ଦ୍ଦେଶନାମା କୁ କେମିତି ଢଙ୍ଗ ରେ ବ୍ୟାଖ୍ୟା କଲେ କେଜାଣି ସେ ନିଜ କ୍ଷମତା ଓ ପଦ କୁ ଅପବ୍ୟବହାର କରି କିଛି ନିର୍ଦ୍ଦିଷ୍ଟ କୁଚକ୍ରୀ ଙ୍କ କଥା ରେ ପଡି ଶ୍ରୀ ମଣ୍ଡଳ ଓ ଅନ୍ୟ ପାଂଚ ଜଣ ଙ୍କ ସଂଯୋଗକାରୀ ରାସ୍ତା କୁ ଖୋଳି ଦେଇଛନ୍ତି ବୋଲି ଶ୍ରୀ ମଣ୍ଡଳ ଙ୍କ ପୁଅ ମଦନମୋହନ ନିଜ ପ୍ରତିକ୍ରିୟା ରେ କହିଛନ୍ତି । ମଦନ ମୋହନ କହିଛନ୍ତି କି ଚିରିଗୁଣୀ ଗାଁ ରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଓ ଲୋକେ ହ୍ୟୁମ ପାଇପ ବି ପକାଇ ନାହାନ୍ତି । ସିଧା ମାଟି ରେ ରାସ୍ତା ନିର୍ମାଣ କରି ନାଳ ପାଣି କୁ ଅବରୋଧ କରିଛନ୍ତି ।ସେଥି ପ୍ରତି ତହସିଲଦାର ଆଖି ବୁଜି ଦେବାର ଉଦ୍ଦ୍ୟେଶ୍ୟ ବୁଝା ପଡୁଛି ।ତାଙ୍କର ଆଶିତିପର ବୟସ୍କ ନୃଦ୍ଧ ବାପା ଙ୍କ ଦୁଇ ଆଖି ନଷ୍ଟ ହୋଇଯାଇଛି ଓ ସେ କିଡ଼ନୀ ଜନିତ ରୋଗ, ମଧୁମେହ ରୋଗ ରେ ପୀଡିତ ଅଛନ୍ତି । ଏପରିକି ସେ ଜଣେ ପକ୍ଷାଘାତ ରୋଗୀ । ସେ ହୁଇଲ ଚେୟାର ରେ ଘରେ ଯା 'ଆସ କରନ୍ତି । ମା ଖୁକୁମଣି ହୃଦ ରୋଗୀ. ପୁଅ ଷଷ୍ଠ ଶ୍ରେଣୀ ରେ ପଢେ । ସଂଯୋଗକାରୀ ପୋଲ କୁ ତାଡି ଦେବା ପରେ ସାତ ପ୍ରାଣୀ କୁଟୁମ୍ବ ଏବେ ଗୃହ ବନ୍ଦୀ ଅବସ୍ଥା ରେ ରହିଯାଇଛନ୍ତି ।ତାଙ୍କ ବାପା ମା 'ଙ୍କର କୌଣସି ଅସୁବିଧା ହେଲେ ସେ ଅଦାଲତ ଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ଶ୍ରୀ ମଣ୍ଡଳ କହିଛନ୍ତି କି ଜିଲ୍ଲା ପ୍ରଶାସନ ଉଦବୃତ ବନ୍ୟା ଜଳ କୁ ନିଷ୍କାସନ କରିବା କାର୍ଯ୍ୟ କୁ ସେ କିମ୍ବା ପରିବାର ଲୋକେ ବିରୋଧ କରୁ ନାହାନ୍ତି ।ମାତ୍ର ଜିଲ୍ଲା ପ୍ରଶାସନ ଓ ସର୍ବୋପରି ତହସିଲଦାର ଯେଭଳି ବ୍ୟକ୍ତିଗତ ସ୍ତର କୁ ଆସି ତାଙ୍କର ସଂଯୋଗକାରୀ ରାସ୍ତା କୁ ଭାଙ୍ଗି ଦେଲେ ତାହା ବିରୋଧ ରେ ସେ ସ୍ୱର ଉତ୍ତୋଳନ କରୁଛନ୍ତି । ଆବଶ୍ୟକ ହେଲେ ତାଙ୍କ ବାପା ଦୁଇ ଜଣ ନିର୍ଦ୍ଦିଷ୍ଟ ସରକାରୀ କର୍ମଚାରୀଙ୍କ ନାମ ରେ ଅଦାଲତ ରେ ମାମଲା ରୁଜୁ କରିବେ ।ଉଲ୍ଲେଖ ଯୋଗ୍ୟ ଯେ, ପାର୍ଶ୍ୱ ରେ ଥିବା ବଗଦା ରିସୋର୍ଟ କୁ ଲମ୍ୱି ଥିବା ଆର ଡ଼ି ବିଭାଗ ର ସଂଯୋଗକାରୀ ପୋଲ ରେ ମଧ ଚାରୋଟି ସମାନ ଧରଣ ର ହ୍ୟୁମ ପାଇପ ପଚିଶ ବର୍ଷ ହେଲା ଲଗାଯାଇଥିଲେ ମଧ ତାହା ତହସିଲଦାର ଙ୍କ ଆଖି ରେ କେମିତି ପଡିଲା ନାହିଁ । ବାହାବଳପୁର ପଂଚାୟତ ରେ ଏମିତି ଛ ରୁ ଅଧିକ ସବ କନେକ୍ଟିଙ୍ଗ ରାସ୍ତା ରେ ହ୍ୟୁମ ପାଇପ ଖଞ୍ଜା ଯାଇଛି । ହେଲେ ତହସିଲଦାରଙ୍କ 'ମାର ମାର ଭଣ୍ଡାରିଆ କୁ ମାର ' ନୀତି ମଣ୍ଡଳ ପରିବାର ଉପରେ କାହିଁକି ଲାଗୁ ହେଲା ତା ଉପରେ କିଏ ସ୍ପଷ୍ଟୀକରଣ ଦେବେ ? ତେବେ ସେ ଯାହା ହେଉନା କାହିଁକି ମଣ୍ଡଳ ପରିବାର ପ୍ରଶାସନିକ ଆକ୍ରୋଶର ଶିକାର ହୋଇଥିବାରୁ ସେମାନେ ନ୍ୟାୟ ଚାହିଁବା ସହ ତହସିଲଦାର ଙ୍କ ମନମାନି ପଛରେ କଣ ରହସ୍ୟ ରହିଛି ତା 'ଉପରେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ।

# ବାଲେଶ୍ୱର ମହିଳା କଲେଜ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ




ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ମହିଳା କଲେଜରେ ତା ୦୪.୦୮.୨୬ ରିଖ ଦିନ କଲେଜର ଅଧକ୍ଷ ଡ. ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଶକ୍ତିଶ୍ରୀ ଓ ଆଇ.ସି.ସି (Internal Complaint committee) ସଭାର ଆୟୋଜନ ସୁଚାରୁ ରୂପେ ହୋଇଯାଇଛି । ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ପ୍ରଥମେ ଛାତ୍ରୀମାନଙ୍କୁ ନେଇ ନିଶାମୁକ୍ତ ଅଭିଯାନର ପ୍ରଚାର କରାଯାଇଥିଲା । ଶଜଉ ଓ ର କାଉନସିଲର ଡ. ପୂଜାରଣୀ ପରିଡ଼ା ଓ NSS ର ପ୍ରୋଗ୍ରାମ ଅଫିସର ମିସ୍ ମାୟାବତୀ ମଲ୍ଲିକ ଛାତ୍ରୀମାନଙ୍କୁ ଦିଗ୍ ଦର୍ଶନ ଦେଇଥିଲେ ।

ତତ୍ ପରେ ନାରୀ ସଶକ୍ତିକରଣ ନିମନ୍ତେ ସରକାରଙ୍କର ଅନ୍ୟ ଏକ ଯୋଜନା ଶକ୍ତିଶ୍ରୀକୁ ଅଧିକ ସକ୍ରିୟ କରିବା ତଥା ଛାତ୍ରୀମାନଙ୍କର ଅବଗତି ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ର DSP- ଶ୍ରୀମତୀ ନିର୍ମଳା ଗୋଚ୍ଛାୟତ ମହୋଦୟା ଯୋଗ ଦେଇ ଛାତ୍ରୀ ମାନଙ୍କର ଉଜ୍ଜଳ ଭବଷ୍ୟତ ସକାଶେ ନିଜର ମତବ୍ୟକ୍ତ ପ୍ରଦାନ କରିଥିଲେ । ଛାତ୍ରୀମାନେ କିଭଳି ଭାବେ ନିଜକୁ ସୁରକ୍ଷିତ ରଖିବେ ଓ ଏକ ସୁସ୍ଥ ସମାଜ ଗଠନ କରିବେ ସେ ନେଇ ବ୍ୟକ୍ତିଗତ ଅଭିମତ ରଖିଥିଲେ । ତାଙ୍କର ଅନ୍ୟ ଜଣେ ସହକର୍ମୀ ଜ୍ୟୋସ୍ନା ରାଣୀ ପାତ୍ର ମହୋଦୟା ମଧ ସ୍ୱମତ ବ୍ୟକ୍ତ କରିଥିଲେ । କଲେଜର ଅଧକ୍ଷ ଡ. ଉମାକାନ୍ତ ନାୟକ ଛାତ୍ରୀମାନଙ୍କୁ ଶିକ୍ଷିତ ତଥା ଆତ୍ମନିର୍ଭରଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ଚମ୍ପାବତୀ କିସ୍କୁ ସଭା ପରିଚାଳନାର ଦାୟିତ୍ୱ ବହନ କରିଥିଲେ । ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ପୁନଃ NSS ସଭାରେ ଛାତ୍ରୀମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧକ୍ଷ ମହୋଦୟ ନିଜର ବକ୍ତବ୍ୟ ରଖିଥିଲେ । ଏହି କମିଟିର ସଦସ୍ୟ /ସଦସ୍ୟା ରଶ୍ମିରେଖା ସାମନ୍ତରାୟ , ଡ. ପୂଜାରାଣୀ ପରିଡ଼ା , ପ୍ରଦୀପ କୁମାର ଜେନା କମିଟି ସଂପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ଛାତ୍ରୀମାନଙ୍କର ଅଭିଯୋଗ ଗୁଡ଼ିକ ଗୋପନୀୟ ରଖିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ଏ ନେଇ କମିଟି ପ୍ରତିଶ୍ରୁତି ବଦ୍ଧ । ଅଧ୍ୟାପକ ସୁଶାନ୍ତ କୁମାର ମଣ୍ଡଳ ସଭା ପରିଚାଳନା କରିଥିଲେ । ଶେଷରେ ଧନ୍ୟବାଦ ଦେବା ସହ ସଭାଟି କଲେଜର ଅଧାପକ, ଅଧାପିକା , କର୍ମଚାରୀ ଓ ଛାତ୍ରୀବୃନ୍ଦଙ୍କର ସହଯୋଗରେ ସମାପନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଈଶାଣୀ ଉଡ଼ାଯାତ୍ରା ପଡ଼ିଆରେ
# ବାଲେଶ୍ୱରର ଦ୍ୱିତୀୟଥର ରୁଦ୍ର ମହାଯଜ୍ଞ

ବାଲେଶ୍ୱର, (ନି.ପ୍ର.): ଅତ୍ୟନ୍ତ ସୌଭାଗ୍ୟ ତଥା ଖୁସିର ବିଷୟ ଯେ ପବିତ୍ର ଶ୍ରାବଣ ମାସରେ ବିଶ୍ୱକଲ୍ୟାଣାର୍ଥେ ୨ୟଥର ପାଇଁ ଗତ ୩୦ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ଶୁକ୍ରବାର ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦୀର୍ଘ ୧ମାସ (୩୦ଦିନ) ବ୍ୟାପୀ ପ୍ରତିଦିନ ଶ୍ରୀଶ୍ରୀ ଈଶାନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମହାଯଜ୍ଞ ରୁଦ୍ରାଭିଷେକ, ରୁଦ୍ରପାଠ, ରୁଦ୍ରପୂଜନ, ଶ୍ରୀଶିବମହାପୁରାଣ ପରାୟଣ ଓ ଶ୍ରୀଶିବ କଥା ପ୍ରବଚନ ଶୁଦ୍ଧ-ପବିତ୍ର ପରିବେଶରେ ଆରମ୍ଭ ହୋଇସାରିଛି ।ଆନନ୍ଦାନୁରାଗୀ ସୌଭାଗ୍ୟ ସମ୍ବଳିତ ଏହି ପୁଣ୍ୟ ମହତ ଉଦ୍ଦେଶ୍ୟର ସାଧନ ପାଇଁ



ଶ୍ରୀଧାମ ବୃନ୍ଦାବନ ଏବଂ ବାରାଣସୀର ସନ୍ଥ ଶ୍ରୀଶ୍ରୀ ରାମାନୁଜାଚାର୍ଯ୍ୟ ସ୍ୱାମୀଜୀ ମହାରାଜ ଓ ତାଙ୍କ ଅନୁରାଗୀ ଶିଷ୍ୟ ଯଜ୍ଞ ପରିଚାଳନା କରିବା ସହ ପବିତ୍ର କଥା-ବଚନ ପ୍ରଦାନ ପୂର୍ବକ ସହସ୍ର ଭକ୍ତିନ୍ୱେଷୀ ଧର୍ମପରାୟଣମାନଙ୍କୁ ମୁଗ୍ଧ ମୋହିତ କରିବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି ।ଆୟୋଜିତ ଏହି କାର୍ଯ୍ୟକ୍ରମ 'ମା' ବାସନ୍ତୀ ସଂକୀ□ନ ମଣ୍ଡଳୀ' ଓ ବୈଶାଖୀ ମହୋତ୍ସବ, ଈଶାଣୀ, ବାଲେଶ୍ୱର କର୍ମକ□ାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ପରିଚାଳନା କରାଯିବା ସହ ଏତାଦୃଶ ଭକ୍ତିପୂତ ଆଧାତ୍ମିକ କାର୍ଯ୍ୟାବଳୀରେ ସତୀର୍ଥ ଅଂଶଗ୍ରହଣ କରି ନିଜନିଜର ମାନସିକତା ପବିତ୍ରାନୁଶୀଳନ କରିବାକୁ ସଶ୍ରଦ୍ଧ ଆହ୍ୱାନ କରୁଅଛୁ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ
# ମାତୃ ସ୍ତନ୍ୟପାନ ଓ ସାପକାମୁଡ଼ା ସଚେତନତା ଉପରେ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.)ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସହ ସମାଜରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତର ସାମାଜିକ କାର୍ଯ୍ୟ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମଛୁଆ, ମର୍ଦ୍ଦରାଜପୁର ଓ ମଖାପଦାର ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମାତୃ ସ୍ତନ୍ୟପାନର ଉପକାରିତା, ଶିଶୁର ସୁସ୍ଥ ବିକାଶରେ ଏହାର ଭୂମିକା ଏବଂ ବର୍ଷା ଋତୁରେ ସାପକାମୁଡ଼ା ପ୍ରତି ସତର୍କତା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଆଲୋଚନାଚକ୍ରରେ ନବଜାତ




ଶିଶୁକୁ ଜନ୍ମ ପରେ ତୁରନ୍ତ ମାଆର କ୍ଷୀର ପାନ କରାଇବା, ପ୍ରଥମ ଛଅ ମାସ ପର୍ଯ୍ୟନ୍ତ କେବଳ ମାତୃ ସ୍ତନ୍ୟପାନ କରାଇବା ଏବଂ ଏହା ମାଧ୍ୟମରେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ପୁଷ୍ଟି ସୁନିଶ୍ଚିତ ହେବା ସହ ମାଆର ସ୍ୱାସ୍ଥ୍ୟ ସୁରକ୍ଷା ହୋଇଥାଏ ବୋଲି ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା । ସେହିପରି ସାପକାମୁଡ଼ା ଘଟିଲେ ଅନ୍ଧବିଶ୍ୱାସର ଆଶ୍ରୟ ନନେଇ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ଗ୍ରହଣ କରିବା, ପ୍ରାଥମିକ ସତର୍କତା ଅବଲମ୍ବନ କରିବା ଏବଂ ସାପକାମୁଡ଼ାକୁ ଅବହେଳା ନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ସହାୟିକା, ଆଶାକର୍ମୀ ଓ ସ୍ଥାନୀୟ ମହିଳାମାନେ ଉତ୍ସାହର ସହ ଯୋଗଦେଇ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟରେ ମତ ବିନିମୟ କରିଥିଲେ । ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଁ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ଉପଯୋଗୀ ବୋଲି ମତ ପ୍ରକାଶ ପାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ, ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଏବଂ କୁଳସଚିବ ଶ୍ରୀମତୀ କୁକୁମୀନା ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା । ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜକ ଡକ୍ଟର ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଏବଂ ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଓ ସୁପ୍ରିୟା ରାଉତଙ୍କ ସକ୍ରିୟ ସହଯୋଗରେ ବିଭାଗର ଦଶରୁ ଅଧିକ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ । ସାମାଜିକ ଦାୟିତ୍ୱବୋଧ ଏବଂ ସମୁଦାୟ ସେବାର ମନୋଭାବ ସହ ଏଭଳି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରଶାସନିକ ନିର୍ଦ୍ଦେଶନାମାରେ
# କାଳକ୍ଷେପଣ ନୀତି: ଅଡୁଆରେ ମହିଳା

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ତା ଲକ୍ଷ୍ମୀ ନାରାୟଣ ସ୍ୱୟଂ ସହାୟକ ଗୋଷ୍ଠିରେ ଡ଼ି ପି ଏମ ଓ ଭସୟସକ୍ଟ ଙ୍କ ସଲାସୁତୁରା ରେ ପାଂଚ ଜଣ ଶବର୍ଣ୍ଣ ମହିଳାଙ୍କୁ ସଦସ୍ୟ ଭାବେ ଜବରଦସ୍ତ ଓ ମାର୍ଗ ଦର୍ଶିକା କୁ ଉଲଂଘନ କରାଯାଇ ସଦସ୍ୟା କରାଯିବା ପ୍ରସଙ୍ଗ କୁ ନେଇ କିଛି ସଦସ୍ୟା ଉପ ମୁଖ୍ୟମନ୍ତ୍ରୀ ଙ୍କୁ ଅଭିଯୋଗ ପତ୍ର ଦହପଡା ର ବନ୍ଧ ସାହି ଛକରେ ପ୍ରଦାନ କରିଛନ୍ତି । ଏସ ଏଚ ଜି ର ସଦସ୍ୟା ସୁଲେଖା ଜେନା, ଆରତୀ ଜେନା, ସ୍ନିଗଧା ଜେନା ମମତା ଜେନା ଓ ପ୍ରତିମା ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି କି, ୨୦୧୦ମସିହା ଜୁଲାଇ ମାସ ର ପହିଲା ତାରିଖରୁ ଏହି ଏସ ଏଚ ଜି ଗୋଷ୍ଠୀ କାର୍ଯ୍ୟକ୍ଷମ ହୋଇଥିଲା. ଏବେ ଡ଼ି ପି ଏମ ଓ ବିଡ଼ିଓ କୌଣସି କୁ ଚକ୍ରାନ୍ତକାରୀଙ୍କ ବୁଦ୍ଧି ରେ ପଡି ଆଉ ପାଂଚ ଜଣ ସବର୍ଣ୍ଣ



ମହିଳାଙ୍କୁ ଏହି ଗୋଷ୍ଠିରେ ସାମିଲ କରାଇଛନ୍ତି । ତଫସିଲ ଭୁକ୍ତ ଜାତିର ମହିଳା ମାନେ ଏହି ଗୋଷ୍ଠୀ ପଞ୍ଜିକରଣ କରାଇଥିବା ବେଳେ ଶବର୍ଣ୍ଣ ମହିଳାଙ୍କୁ କଣ ପାଇଁ ଏଥିରେ ବେ ଆଇନ ଭାବେ ସାମିଲ କରି ସେମାନଙ୍କ ପ୍ରଭାବ ବିସ୍ତାର କରିବାକୁ ଅପ ଚେଷ୍ଟା କରାଯାଉଛି, ତାକୁ ନେଇ ଅଭିଯୋଗ କାରିଣୀ ମାନେ ପ୍ରଶ୍ନ ଉଠାଇଛନ୍ତି ।

ଏହିବିବାଦ ର ସମାଧାନ ନ ହେବା ପର୍ଯ୍ୟନ୍ତ ଏହି ନିର୍ଦ୍ଦିଷ୍ଟ ଏସ ଏଚ ଜି ର କାର୍ଯ୍ୟ କୁ ସ୍ଥଗିତ ରଖିବାକୁ ଅଭିଯୋଗକାରୀ ମାନେ ଉପ ମୁଖ୍ୟ ମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି ।

## ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଳିତ ହେଲା ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୩ତମ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର : ସ୍ଥାନୀୟ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୩ତମ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ବିଭାଗୀୟ ସଂଯୋଜକ ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ସାରସ୍ୱତ ସାଧିକା ପ୍ରଫେସର ଶକୁନ୍ତଳା ବଳୀୟାରସିଂହ ମୁଖ୍ୟ ଅତିଥି, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟବକ୍ତା ଏବଂ ଡକ୍ଟର ଅମରେନ୍ଦ୍ର ମହାନ୍ତି, ଡକ୍ଟର ପୂର୍ଣ୍ଣେନ୍ଦୁ କୁମାର ଦାସ, ଡକ୍ଟର ନନ୍ଦିନୀ ମିଶ୍ର, ଡକ୍ଟର ସଂଗ୍ରାମ କେଶରୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସତ୍ୟବାଦୀର ସବ୍ୟସାଚୀ ପଣ୍ଡିତ



ନୀଳକଣ୍ଠଙ୍କ ଜୀବନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ନବ-ଉତ୍କଳ ନିର୍ମାଣରେ ପଣ୍ଡିତଜୀଙ୍କ ଯୋଗଦାନ ସମ୍ପର୍କରେ ଛାତ୍ର ଜୀବନଜ୍ୟୋତି ବାରିକ, ଚନ୍ଦନ ସିଂ ଏବଂ ଛାତ୍ରୀ କୌଶଲ୍ୟା ପରିଡ଼ା ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଶ୍ୱଜିତ ସାହୁଙ୍କ ଶ୍ରୀଜଗନ୍ନାଥାଷ୍ଟକମ୍ ପାଠରୁ ଆରମ୍ଭ ହୋଇଥିବା ଏହି ଭବ୍ୟ ଉତ୍ସବକୁ ଶ୍ରୀତମ୍ ଦେହୁରୀ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ପରିଷଦର ବହୁ ସଦସ୍ୟଙ୍କ ସମେତ ବିଭିନ୍ନ ସଂସ୍କୃତି ସାଧକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଶେଷରେ ପାଠଚକ୍ର ସମ୍ପାଦକ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଉତ୍ସାହିତ କରିଥିଲେ ।

# ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ
# ସମନ୍ୱୟ ସମିତି ପକ୍ଷରୁ ଧାରଣା

ବାଲେଶ୍ୱର(ନି.ପ୍ର.) ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ସମେତ ଜିଲ୍ଲାସ୍ତରୀୟ ସମ୍ମିଳନୀ କଚେରୀହତା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୫ ଦଫା ଦାବି ସମ୍ବଳିତ ସମ୍ପର୍କରେ ଆଲୋଚନା କରାଯିବା ସହ ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀଙ୍କ ମାଧ୍ୟମରେ ଓଡ଼ିଶା ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି କି, ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ଅବସର ନେବାକୁ ଥିବା ଶିକ୍ଷକ ଓ ଶିକ୍ଷା



କର୍ମଚାରୀମାନଙ୍କୁ ଚାକିରୀ ସର୍ତାବଳୀ ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ସମୟ ସୀମା ୬୦ରୁ ୬୨କୁ ବୃଦ୍ଧି, ପ୍ରେ ଗ୍ରେଟ୍ ପେରେ ଥିବା ଅସଂଗତି ଦୂରୀକରଣ, ସମସ୍ତ ନୂତନ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି, ନୂତନ ପେନସନ ପରିବର୍ତେ ପୁରାତନ ପେନସନ ସ୍କିମ୍ ପୁନଃ ପ୍ରଚଳନ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଂଟ ସହିତ ବରିଷ୍ଠତା ପ୍ରଦାନ କରିବା ପାଇଁ ଦାବି କରାଯାଇଛି । ପ୍ରକାଶଯେ, ୨୪ବର୍ଷ ଶାସନରେ ଥିବା ଜନନେତାମାନେ ଶିକ୍ଷକମାନଙ୍କର ଦାବି ଗୁଡ଼ିକୁ କାର୍ଯ୍ୟକାରି କରିପାରିଲେନି, ଅଥଚ ଆଜିକାର ଏହି ବିକ୍ଷୋଭ ସମାବେଶରେ ସେମାନେ ହାଜର ହୋଇ ନୂତନ ୨ବର୍ଷର ସରକାରଙ୍କ ଅପାରଗତାକୁ ନେଇ ଡିଣ୍ଡିମ ପିଟିବା କେତେଦୂର ଯୁକ୍ତିଯୁକ୍ତ ତାହା ସେମାନେ ଆତ୍ମ ସମୀକ୍ଷା କରିବା ଦରକାର ।

# ୧୦କୋଟି ନିଶାମୁକ୍ତ ପ୍ରତିଜ୍ଞା ଅଭିଯାନ

ପାରାଦୀପ(ନିପ୍ର): ୧୦ କୋଟି ନିଶାମୁକ୍ତ ପ୍ରତିଜ୍ଞା ମହା ଅଭିଯାନ ୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ପାରାଦୀପ ଶାଖା ପକ୍ଷରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଗୁରୁବାର ସକାଳ ୮ ଟା ସମୟରେ ନିଶାମୁକ୍ତ ସପଥପାଠ କରାଯାଇଥିଲା । ସେହିପରି ଅପରାହ୍ନ ୧ ଘଟିକା ସମୟରେ ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲ ର ୬୦୦ ଛାତ୍ରଛାତ୍ରୀ ଓ ଅଧକ୍ଷାଙ୍କୁ ସେବାକେନ୍ଦ୍ର ର ସଂଚାଳିକା ଭଉଣୀ ସୁମନ ଦିଦି, କ୍ୟାପଟେନ ଅମିତ ଆରତୀ ନିଶାମୁକ୍ତ ପ୍ରତିଜ୍ଞା କରାଇଥିଲେ । ଏଥିରେ ସେବା କେନ୍ଦ୍ରର ସସ୍ମିତା ଭଉଣୀ ଉଲ୍ଲାସ ଭାଇ ସହଯୋଗ କରିଥିଲେ । ସୂଚନାଥାଉକି, ଡ୍ରଗ୍ସ ଓ ଅନ୍ୟାନ୍ୟ ନିଶା କାରବାର ଓ ବ୍ୟବହାର ବହୁଳ ମାତ୍ରାରେ ବୃଦ୍ଧି ପାଇଥିବା ଏବଂ ଏଥିରେ ଛାତ୍ରଛାତ୍ରୀ ମାନେ ଅଧିକ ଭାବରେ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ନିଶା ନିବାରଣ ପାଇଁ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ୱାଦା ସଂଗଠନ ଜଗତସିଂହପୁର ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ସଚେତନତା ଅଭିଯାନ ଜାରି ରଖିଥିବା ବେଳେ ବ୍ରହ୍ମାକୁମାରୀ ଅନୁଷ୍ଠାନ ଦ୍ୱାରା ଏହି ପ୍ରତିଜ୍ଞା କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଏ ।

# ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ସ୍ଥାନାନ୍ତର ନ କରିବା ପାଇଁ ସ୍ମାରକପତ୍ର



ନୟାଗଡ଼(ନିପ୍ର): ନୟାଗଡ ଜିଲ୍ଲା ସଦର ମହକୁମାରେ ଡାକ ବିଭାଗର ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଗତ ୬ବର୍ଷ ହେଲା କାର୍ଯ୍ୟ କରୁଥିବାବେଳେ ଉକ୍ତ କାର୍ଯ୍ୟାଳାୟ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରହିଛି । କିନ୍ତୁ ମୁଖ୍ୟ ଡାକପାଳ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ ରଖିବାପାଇଁ ମସୁଧା ଚଳାଇଛନ୍ତି । ତେଣୁ ଶୁକ୍ରବାର ନୟାଗଡ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନୂଆ ଦିଲ୍ଲୀ ବିଭାଗୀୟ କେନ୍ଦ୍ର ସଚିବଙ୍କ ପାଖକୁ ଏକ ସ୍ମାରକପତ୍ର ନୟାଗଡ ଡାକ ଅଧିକ୍ଷକଙ୍କ ଜରିଆରେ ପ୍ରଦାନ କରାଯାଇଛି । ସ୍ମାରକପତ୍ର ଦେବା ସମୟରେ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିଶିକାନ୍ତ ରଥ, ସାମ୍ବାଦିକ ପ୍ରଭାସିନୀ ନନ୍ଦ, ସାମ୍ବାଦିକ ଲୋକନାଥ ମିଶ୍ର, ବିଭୂତି ପଟ୍ଟନାୟକ, ବିକ୍ରମ ସ୍ୱାଇଁ, ସତ୍ୟନାରାୟଣ ମିଶ୍ର, ଗୋକୁଳ ଷଡଙ୍ଗୀ, ପୁରୁଷୋତମ ମହାପାତ୍ର, ରଂଜନ ନାୟକ, ପ୍ରମୋଦ ନନ୍ଦ, ସୁଧାକର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ସ୍ମାରକପତ୍ର ବଂଟାଯିବା ସହିତ କ୍ଷେତ୍ରୀୟ କାର୍ଯ୍ୟାଳୟ ଭୁବନେଶ୍ୱର ଅଧୀନରେ ନୟାଗଡ ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରହିବା ପାଇଁ ଦାବି କରିଥିଲେ । ବ୍ରହ୍ମପୁର ଡାକ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧନରେ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରହିଲେ ଜିଲ୍ଲାବାସୀ, ଡାକ କର୍ମଚାରୀ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟକୁ ଯାତାୟାତ କରିବା ସମ୍ଭବପର ନୁହେଁ । ନୟାଗଡରୁ ବ୍ରହ୍ମପୁର ଯିବାପାଇଁ ସେଭଳି ଗମନାଗମନର ସୁବିଧା ସୁଯୋଗ ନାହିଁ । ଯଦି କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର କରାଯାଏ ତାହାହେଲେ ଜିଲ୍ଲାର ଲକ୍ଷାଧିକ ଜନସାଧାରଣ ତଥା ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଏହି ସ୍ମାରକପତ୍ର ମାଧ୍ୟମରେ ଯେଉଁଭଳି ଭାବରେ ନୟାଗଡ ଜିଲ୍ଲା ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ରଖିବାକୁ ଦାବି କରାଯାଇଛି । ଯଦି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିନରେ ନୟାଗଡ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରଖାଯାଏ ତେବେ ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କୁହାଯାଇଛି । ଏ ସମ୍ପର୍କରେ ମହାଡାକପାଳ ଭୁବନେଶ୍ୱର ଓଡ଼ିଶାକୁ ଅବଗତ କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ, ଡାକ ଅଧିକ୍ଷକ ନୟାଗଡ, ଜିଲ୍ଲାପାଳ ନୟାଗଡ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନୟାଗଡ, ବିଧାୟକ ନୟାଗଡ, ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ, ବିଧାୟକ ଖଣ୍ଡପଡା, ବିଧାୟକ ଦଶପଲ୍ଲା, କନ୍ଧମାଳ ସାଂସଦ, ପୁରୀ ସାଂସଦ, କଟକ ସାଂସଦଙ୍କୁ ଅବଗତ କରାଯାଇଛି । ତେଣୁ ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସମସ୍ତ ଡାକ ବିଭାଗର ସମସ୍ତ କର୍ମକର୍ତାଙ୍କୁ ଅବଗତ କରାଇବା ସହିତ ନୟାଗଡ ଡାକ ଅଧିକ୍ଷକ ମନୋଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହା ସହିତ ଡାକ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ତରଫରୁ ବିକ୍ଷୋଭ ପ୍ରଦର୍ଶନ ବି କରାଯାଇଛି ।

# ପାରାଦୀପରେ ଏସଆଇଆର ସମନ୍ୱୟ ବୈଠକ



ପାରାଦୀପ(ନିପ୍ର): ଓଡ଼ିଶାର ୧୦୧-ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନରେ, ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ଏବଂ ସ୍ଥାନୀୟ ନିର୍ବାଚନ ପ୍ରଶାସନ ସକ୍ରିୟ ଭାବରେ କ୍ଷେତ୍ରସ୍ତରୀୟ ହିତାଧିକାରୀ ଅଧିବେଶନଗୁଡ଼ିକୁ ସମନ୍ୱିତ କରିଛନ୍ତି କ୍ଷ ଯେଉଁଥିରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ସମନ୍ୱୟ ବୈଠକ ଅନ୍ତର୍ଭୁକ୍ତ । ଏହି ଅଧିବେଶନରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟା ଅନ୍ତର୍ଭୁକ୍ତ । ଏହି ପରିପ୍ରେକ୍ଷୀରେ, ଆଜି ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡିଏମ କମ ଇଆରଓ ୧୦୧ ପାରାଦୀପଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମସ୍ତ ସହକାରୀ ନିର୍ବାଚନ ଅଧିକାରୀ (ଏଇଆରଓ)ଙ୍କ ଉପସ୍ଥିତିରେ ଇଆରଓଙ୍କ ଦ୍ୱାରା ସମସ୍ତ ଦାବି ଏବଂ ଆପତିର ଏକ ତାଲିକା ଦଳୀୟ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା । ଜଣେ ବୁଥ ସ୍ତରୀୟ ଏଜେଂଟ ଗୋଟିଏ ଦିନରେ ସେମାନଙ୍କ ସମ୍ପୃକ୍ତ ବିଏଲଓଙ୍କୁ କେତେ ଫର୍ମ ଦେଇପାରିବେ ସେ ବିଷୟରେ ଦଳୀୟ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା । ଏହା ବ୍ୟତୀତ, ସିଇଓ ଓଡ଼ିଶାଙ୍କଠାରୁ ପ୍ରାପ୍ତ ମାର୍ଗଦର୍ଶିକା ସହିତ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ବର୍ଦ୍ଧିତ ତାରିଖ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଜେପି, ବିଜେଡି, କଂଗ୍ରେସ ଦଳ ସମେତ ଏହି ବୈଠକରେ ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଇଆରଓ ଅଭିଷେକ ପଣ୍ଡା, କୁଜଙ୍ଗ ବିଡିଓ ଏବଂ ଉପ ଜିଲ୍ଲାପାଳ ଏବଂ ଅତିରିକ୍ତ ତହସିଲଦାର, କୁଜଙ୍ଗ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ନିଖୋଜ ଯୁବକଙ୍କ ମୃତଦେହ କାଂଶବାଂଶରୁ ଉଦ୍ଧାର

ସୋର(ନିପ୍ର): ସୋର ଥାନା ଅନ୍ତର୍ଗତ ବଇଁଶୀଖାର୍ଜୀ ଗ୍ରାମର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଆଜି ପୀତାକାଳିଆ ନଦୀ ଜଳରୁ ଉଦ୍ଧାର କରାଯାଇଛି । ମୃତକ ଜଣକ ବଇଁଶୀଖାର୍ଜୀ ଗ୍ରାମର ସଞ୍ଜୟ ସିଂ ବୋଲି ଜଣାପଡ଼ିଛି । ସେ ଗତକାଲିଠାରୁ ନିଖୋଜ ଥିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରୁଥିଲେ । ତେବେ ଆଜି କାଂଶବାଂଶ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ । ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ମୃତଦେହ ଉଦ୍ଧାର କରିଥିଲେ । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

# ବନ୍ୟା ପରେ ଧାମନଗର ରେ ରିଲିଫ ହିସାବ ମାଗିବାରୁ ତହସିଲଦାର ଓ ବିଡ଼ିଓଙ୍କ ସହ ମୁହାଁମୁହିଁ ହେଲେ ଜନପ୍ରତିନିଧି



ଧାମନଗର(ନିପ୍ର): ଧାମନଗର ବ୍ଲକର ସୃଷ୍ଟି ହୋଇଥିବା ମହା ବନ୍ୟାରେ ୩୦ ପଂଚାୟତରେ ରିଲିଫ ବଂଟନକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ରିଲିଫ ସାମଗ୍ରୀର ବଂଟନର ପଂଚାୟତ ଭିତିକ ହିସାବ ଦିଆଯାଉନଥିବା, ପ୍ରକୃତ ବନ୍ୟା ବିପନ୍ନଙ୍କୁ ପଲିଥିନ ମିଳୁନଥିବା ଏବଂ ଫ୍ରି-କିଚେନ ର ବ୍ୟୟ ବିବରଣୀ ପ୍ରକାଶ କରାଯାଉନଥିବା ଅଭିଯୋଗ ନେଇ ଶୁକ୍ରବାର ନିର୍ବାଚିତ ଜନପ୍ରତିନିଧି ଧାମନଗର ବିଡିଓ ବନ ବିହାରୀ ଦିନ୍ଦା ଓ ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ରିଲିଫ ବଂଟନ ସମ୍ପର୍କିତ ତଥ୍ୟ ଓ ହିସାବକୁ ନେଇ ଜନପ୍ରତିନିଧି ଙ୍କ ସହ ତହସିଲଦାରଙ୍କ ମଧ୍ୟରେ ତୀବ୍ର ବାକ୍ ବିତଣ୍ଡା ହୋଇଥିବା ଦେଖିବାକୁ ମିଳିଛି । ବନ୍ୟା ଭଳି ଜରୁରୀ ପରିସ୍ଥିତିରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ ଥିବାବେଳେ ଏଭଳି ମନୋଭାବ ଗ୍ରହଣୀୟ ନୁହେଁ ବୋଲି ଜନପ୍ରତିନିଧିମାନେ କହିଥିଲେ । ଏ ନେଇ ଜିଲାପାଳ ସୋମେଶ କୁମାର ଉପାଧାୟଙ୍କ ନିକଟରେ ଫେରାଦ ହୋଇଛି ଧାମନଗର ବିଜେଡ଼ି । ଅଭିଯୋଗ ଅନୁଯାୟୀ, ବନ୍ୟା ଆରମ୍ଭଠାରୁ ଧାମନଗର ବ୍ଲକ କୁ କେତେ ପରିମାଣର ଛୁଡ଼ା, ଗୁଡ଼, ଚାଉଳ, ଶୁଖିଲା ଖାଦ୍ୟ, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଆସିଛି ଏବଂ ପ୍ରତ୍ୟେକ ପଂଚାୟତକୁ କେତେ ପରିମାଣରେ ପଠା ଯାଇଛି, ତାହାର ସ୍ପଷ୍ଟ ଲିଖିତ ହିସାବ ଜନପ୍ରତିନିଧି ଙ୍କୁ ଦିଆଯାଉ ନାହିଁ । ଏନେଇ ବାରମ୍ବାର ତଥ୍ୟ ମଗା ଯାଇଥିଲେ ମଧ୍ୟ ସ୍ପଷ୍ଟ ତଥ୍ୟ ମିଳୁନଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଅଂଚଳରେ ଚାଲିଥିବା ଫ୍ରି-କିଚେନ କୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ବନ୍ୟାରେ ବିପନ୍ନ ପରିବାରଙ୍କୁ ପଲିଥିନ ବଂଟନରେ ମଧ୍ୟ ଅନିୟମିତତା ଓ ପକ୍ଷପାତିତା ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ରିଲିଫ ବଂଟନରେ ସ୍ୱଚ୍ଛତା, ପଂଚାୟତ ଭିତିକ ହିସାବ ସାର୍ବଜନୀନ ଏବଂ ପ୍ରକୃତ ବିପନ୍ନଙ୍କୁ ଆବଶ୍ୟକ ସହାୟତା ନ ମିଳିଲେ ଆଗାମୀ ଦିନରେ ଧାମନଗର ବ୍ଲକର ସମିତି ସଦସ୍ୟ, ସରପଂଚ ଓ ସାଧାରଣ ଲୋକଙ୍କ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## AFFIDAVIT

I, Tusar Kumar Parida, S/o- Rabindra Parida resident of At- Adiasahi, Po- Mirigidari, Ps- Baisinga, Dist- Mayurbhanj, Odisha declared by virtue of an Affidavit No. 5704, dated 28.07.2026 declared that in my Aadhaar No. 2201 6088 2193 and PAN Card my father's name is mentioned as Rabindra Parida but in my educational records my father's name mentioned as Rabindra Kumar Parida. Hence Rabindra Parida and Rabindra Kumar Parida is one and same person that is my father's name. In future I will be known as Tusar Kumar Parida, S/o- Rabindra Parida for all purposes.

Sd/-
Tusar Kumar Parida

No. 13001/1452/2627

## OFFICER OF THE MUNICIPAL COUNCIL, TALCHER DIST- ANUGOLA

No. 2771 / Date 06.08.2026

QUOTATION CALL NOTICE

The Executive Officer, Talacher Municipality on behalf of Talacher, Dist- Anugola invites sealed Quotations from the intending registered firms/ authorized dealers/ distributors/ suppliers and manufacturers of **"Supply of Sanitation materials (Sanitation works purpose) to Talacher Municipality for one year"**. The prescribed Quotation schedule can be obtained from the Cashier section of Talcher Municipality on payment of Rs. 2500 /- (Rupees two thousand five Hundred) only including GST@18% (non-refundable) in shape of cash / bank draft / banker's cheque drawn in favour of the Executive Officer, Talcher Municipality payable at Talacher from any nationalized bank from Dt.07.08.2026 to Dt.20.08.2026 up to 1.00 PM. during office hour except holidays.

The Quotation paper along with all documents should reach the undersigned by Regd. Post /Speed Post/Courier Service or by person on or before Dt.20.08.2026 up to 1.30 PM. And this office will in no way, be responsible for any delay in receipt of the Quotation documents. The Quotation will be opened on the same date at 3.00 PM in presence of the Quotationer or their authorized representative if any. EMD shall be made in shape of cash / DD duly pledged in favour of the Executive Officer, Talacher Municipality Rs. 10,000/- (Ten thousand) only (refundable) .The original EMD , Money Receipt shall be attached with the quotation paper , failing which the quotation shall not be taken into consideration. The Quotation received beyond the schedule date and time will not be considered at all.

All terms and conditions may be seen in the Quotation proforma. The undersigned has rights to accept, cancel or reject any or all the Quotations without assigning any reason thereof.

OIPR. 13001/13077/1/26-27/0026

Sd/-
Executive Officer
Talacher Municipality

## NOTICE INVITING TENDER

No. 7001/87/2627

**Office of District Manager,
Odisha State Civil Supplies Corporation Ltd. (OSCSC)
Mayurbhanj (District)
E-mail: cso-may@nic.in & csomayurbhanj@gmail.com
Phone: 06792- 252648**

TENDER NO. **2046** dated **06.08.2026** for Selection and appointment of **Level-I** Transport Contractor for transportation of wheat from Food Storage Depot (FSD),FCI to Rice Receiving Centers in Mayurbhanj District.
Cost of Tender Document: - Rs.**11,800**/- Inclusive of GST.

District Manager, Odisha State Civil Supplies Corporation Ltd., Mayurbhanj invites tenders through online mode only for the works below:

| | | |
|---|---|---|
| 1 | Name of the works | Selection and appointment of **Level-I Transport Contractor** for transportation of Wheat from FSD, FCI to RRCs in Mayurbhanj district of the State of Odisha. |
| 2 | Availability of tender documents in the portal. | From Date **11.08.2026** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in Up to **5:30 PM** of date **29.08.2026** |
| 4 | Date, time and venue for opening of Technical Bid by the Tender Committee | On dt. **01.09.2026 at 11:30 AM**, at Office Chamber of ADM (Rev.), Mayurbhanj. |
| 5 | Name and address of the Officer Inviting Tender. | District Manager, OSCSC Ltd, Mayurbhanj. |

Tender Documents & other details can be seen from e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Mayurbhanj

## NOTICE INVITING TENDER

**Office of District Manager,
Odisha State Civil Supplies Corporation Ltd. (OSCSC)
Mayurbhanj (District)
E-mail: cso-may@nic.in & csomayurbhanj@gmail.com
Phone: 06792- 252648**

TENDER NO **2044** & **2045** dated **06.08.2026** for Selection and appointment of **Level-II Transport Contractor** for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) for **Baripada Municipality and Rairangpur Municipality.**
Cost of Tender Document: - **Rs.5900/-** Inclusive of GST for each RRC to unit (Block/ULB) combination of the district.

District Manager, Odisha State Civil Supplies Corporation Ltd.,Mayurbhanj invites tenders through online mode only for the works below:

| | | |
|---|---|---|
| 1 | Name of the works | Selection and appointment of **Level-II Transport Contractor** for transportation of foodgrains from RRC to FPS points of **Baripada Municipality** and **Rairangpur Municipality** |
| 2 | Availability of tender documents in the portal. | From Date **11.08.2026** Downloadable from website: www.oscsc.in, www.foododisha.in & www.tendersodisha.gov.in |
| 3 | Last date and time for online submission of completed Tender Documents with enclosures | Through e-Procurement Portal: www.tendersodisha.gov.in on **29.08.2026 up to 5:30 P.M** |
| 4 | Date, time and venue for opening of Technical Bid by the Tender Committee | On dt. **01.09.2026 at 11:45 AM.**, at office chamber of the ADM (Rev.), Mayurbhanj. |
| 5 | Name and address of the Officer Inviting Tender. | District Manager, OSCSC Ltd, Mayurbhanj. |

Tender Documents & other details can be seen from e-procurement portal www.oscsc.in , www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR. 7001/7046/1/26-27/0002

Sd/-
District Manager,
OSCSC Ltd., Mayurbhanj





ଅମ୍ଭାର ମୁକ୍ତି ଶିକ୍ଷାର ପ୍ରଥମ ଓ ଶେଷ ଲକ୍ଷ୍ୟ ହେବା ଉଚିତ ।

# ଆଜିକାଲି



ଯସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେର୍ଜୁନ ।
କର୍ମେନ୍ଦ୍ରିୟୈଃ କର୍ମଯୋଗମସକ୍ତଃ ସ ବିଶିଷ୍ୟତେ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ଯେଉଁ ପୁରୁଷ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କୁ ବଶ କରି ଅନାସକ୍ତ ହୋଇ କର୍ମଯୋଗ ଆଚରଣ କରନ୍ତି ସେ ଶ୍ରେଷ୍ଠ ଅଟନ୍ତି

## ଆଇନ ଅସହାୟ-ଅସୁରକ୍ଷିତ ଶିଶୁ

ଏହା ନିସନ୍ଦେହ ଯେ, ଦେଶରେ ଶିଶୁ ନିଖୋଜ ଓ ଶିଶୁ ଶ୍ରମିକ ସଂଖ୍ୟା ଉଦ୍ବେଗ ଆକାର ଧାରଣ କରିଛି । ଦେଶରେ ଶିଶୁ ଶ୍ରମିକ ନିଷିଦ୍ଧ ପାଇଁ କଠୋର ଆଇନ ରହିଛି । କିନ୍ତୁ ଆଇନ ଏକ ପ୍ରକାର ଅସହାୟ ହୋଇପଡିଛି । ନିଖୋଜ ଶିଶୁ ଯେଉଁମାନଙ୍କ ବୟସ ୧୦ରୁ ୧୮ବର୍ଷରେ । ସରକାରୀ ସୂତ୍ରରୁ ମିଳିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ, ଗତ ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ମଧ୍ୟରେ ଅର୍ଥାତ ବର୍ଷକ ମଧ୍ୟରେ ଦେଶରେ ପ୍ରାୟ ୪୫ହଜାର ଶିଶୁଙ୍କୁ ଉଦ୍ଧାର କରାଯାଇଛି । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଲ' ଏନଫୋର୍ସମେଂଟ ଏଜେନ୍ସିଗୁଡିକ ଆନୁକୂଲ୍ୟରେ ବହୁ ସ୍ୱେଚ୍ଛାସେବୀ ସଂଗଠନ(ଏନଜିଓ)ର ସହଯୋଗରେ ଦେଶବ୍ୟାପୀ ୨୭,୦୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢାଉ କରି ଏହି ଶିଶୁମାନଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ଉଭୟ ବାଳକ ଓ ବାଳିକା ଅଛନ୍ତି । ଉଦ୍ଧାର ହୋଇଥିବା ୪୪,୯୦୨ଜଣ ଶିଶୁଙ୍କ ମଧ୍ୟରୁ ୯୦ପ୍ରତିଶତ ଶିଶୁଙ୍କୁ ଶ୍ରମିକ ଭାବେ ବିଭିନ୍ନ କର୍ଯ୍ୟରେ ନିୟୋଜିତ ହୋଇଥିଲେ । ଏହି ଶିଶୁମାନଙ୍କୁ ହୋଟେଲ, ଚା'ଦୋକାନ, ଘରୋଇ ଚାକର, ଖଣି, ବୟନଶିଳ୍ପ, ବାଣ ତିଆରି କାରଖାନାରୁ ଉଦ୍ଧାର କରାଯାଇଛି । ଖଣି, ଟେକ୍ସଟାଇଲ, ବାଣ ତିଆରି ଆଦି ବିପଦଜନକ ସ୍ଥାନରେ ସେମାନଙ୍କୁ ନିୟୋଜିତ କରାଯିବା ନିଶ୍ଚିତ ଭାବେ ଉଦ୍‌ବେଗଜନକ । ସେହିପରି ବହୁ ବାଳିକାଙ୍କୁ ସ୍ପା, ମାସେଜ୍ ପାର୍ଲୋର ଏବଂ ଅର୍କେଷ୍ଟ୍ରା ଆଦିରୁ ଉଦ୍ଧାର କରାଯାଇଛି, ଯେଉଁମାନଙ୍କୁ ସାଧାରଣତଃ ଯୌନ ଶୋଷଣ କରାଯାଇଥାଏ କିମ୍ବା ଦେହଜୀବୀ କାର୍ଯ୍ୟରେ ନିୟୋଜିତ କରାଯାଇଥାଏ । ସେହିପରି ବେଆଇନ ଭାବେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରିଥିବା ୫୮୦୯ ନିଯୁକ୍ତିଦାତା ଓ ଶିଶୁଚାଲାଣକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି । ଯେଉଁମାନଙ୍କ ମଧ୍ୟରୁ ୮୫ପ୍ରତିଶତ ଶିଶୁଙ୍କୁ ଶ୍ରମିକ ଭାବେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିଥିବା କୁହାଯାଏ । ଉଦ୍ଧାର ହୋଇଥିବା ଶିଶୁଙ୍କ ମଧ୍ୟରୁ ସଂଖ୍ୟାଧିକ ତେଲେଙ୍ଗାନାର ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ବିହାର, ତୃତୀୟ ସ୍ଥାନରେ ରାଜସ୍ଥାନ, ଚତୁର୍ଥ ସ୍ଥାନରେ ଉତରପ୍ରଦେଶ ଏବଂ ପଂଚମ ସ୍ଥାନରେ ପଶ୍ଚିମବଙ୍ଗ ରହିଛି । ତେବେ ଉଦ୍ଧାର ପାଇଥିବା ପଶ୍ଚିମବଙ୍ଗର ୨୯୭୧ ଜଣ ଶିଶୁଙ୍କ ମଧ୍ୟରୁ ୧୦୦୫ଜଣଙ୍କୁ ଯୌନ ଶୋଷଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା । ସେହିପରି ୧୧,୪୦୯ ଜଣ ନିଖୋଜ ଶିଶୁଙ୍କ ମଧ୍ୟରୁ ୮୭୪୯ ଜଣଙ୍କୁ ଶିଶୁ ଶ୍ରମିକ ଭାବେ ବିପଦଜନକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା କୁହାଯାଇଛି । କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ନିଖୋଜ ଏବଂ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଶିଶୁଙ୍କ ସଂଖ୍ୟା ମଧ୍ୟ କିଛି ନୁହେଁ । ଶିଶୁ ଅଧିକାର ଆଇନ ଏବଂ ଶିଶୁ ଶ୍ରମିକ ଆଇନ ନିଷିଦ୍ଧ ବଳରେ ସେମାନଙ୍କୁ ଉଦ୍ଧାର କରାଯିବା ଏବଂ ନିୟୋଜିତକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସତ୍ୱେ ସେମାନଙ୍କ ସଂଖ୍ୟା କମୁ ନାହିଁ, ବରଂ ବଢିଚାଲିଛି । ଆମ ରାଜ୍ୟରେ ୪୪ହଜାରରୁ ଅଧିକ ଶିଶୁ ନିଖୋଜ ହୋଇଥିବା ରିପୋର୍ଟ ପ୍ରକାଶ ପାଇଥିବାବେଳେ ରେଳଷ୍ଟେସନ, ବସ ଷ୍ଟାଣ୍ଡରୁ ଚାଲାଣ ବେଳେ ଶିଶୁଙ୍କୁ ଉଦ୍ଧାର କରାଯିବା ଗଣମାଧ୍ୟମର ଶିରୋନାମା ପାଲଟିଛି । ଆହୁରି ମଧ୍ୟ ଘରୋଇ ଚାକର ଭାବେ ଶିଶୁଙ୍କୁ ନିର୍ଯ୍ୟାତନା ମଧ୍ୟ କିଛି କମ୍ ନୁହେଁ । ଏହା ନିସନ୍ଦେହ ଯେ,ବ୍ୟାପକ କଠୋର ଦଣ୍ଡବିଧାନ ବ୍ୟବସ୍ଥା ସତ୍ୱେ ଦେଶରେ ଶିଶୁ ଶ୍ରମିକ ଓ ଶିଶୁ ନିଖୋଜ ଉଦ୍‌ବେଗଜନକ ଭାବେ ବଢିଚାଲିଛି । ଅବଜରଭର ଫାଉଣ୍ଡେସନ ପକ୍ଷରୁ ୨୦୨୦ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଭାରତ ବିଶ୍ୱର ଏକ ପଂଚମାଂଶ ଶିଶୁଙ୍କ ବାସସ୍ଥଳ ଥିବାବେଳେ ୩୩ମିଲିଅନ ଶିଶୁଙ୍କୁ ବିଭିନ୍ନ ବିପଦଜନକ କାର୍ଯ୍ୟରେ ଶିଶୁ ଶ୍ରମିକ ଭାବେ ନିୟୋଜିତ କରାଯାଇଛି । ଯେଉଁମାନଙ୍କର ବୟସ ୧୮ବର୍ଷରୁ କମ୍ । ଏହା ସତ୍ୟ ଯେ, ଦାରିଦ୍ର୍ୟ ପରିବାରକୁ ଆର୍ଥୀକ ସହାୟତା ଏବଂ ସ୍କୁଲ ଶିକ୍ଷାରେ ଫାଟ ଶିଶୁମାନଙ୍କୁ ଅସୁରକ୍ଷିତ କରିଦେଇଛି । ଦେଶରେ ଶିକ୍ଷା ଅଧିକାର ଆଇନରେ ୧୪ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷାକୁ ବାଧ୍ୟତାମୂଳକ ଭାବେ ମାଗଣା କରାଯାଇଥିବା ସତ୍ୱେ ଦାରିଦ୍ର୍ୟ ଏଥିପ୍ରତି ମୁଖ୍ୟ ପ୍ରତିବନ୍ଧକ ଭାବେ ଉଭା ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସତ୍ୟ ଯେ, ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ । ଶିଶୁ ସୁରକ୍ଷା ଏବଂ ଶିଶୁ ବିକାଶ ବିନା ଦେଶର ବିକାଶ କଳ୍ପନା କରାଯାଇନପାରେ । ଶିଶୁ ସମ୍ମୁଖୀନ ହେଉଥିବା ବିଭିନ୍ନ ଚ୍ୟାଲେଂର ସମାଧାନ ନହେବା ପର୍ଯ୍ୟନ୍ତ ଭାରତ ପରି ଏକ ଜନବହୁଳ, ଶିଶୁବହୁଳ ଏବଂ ଗରିବ ରାଷ୍ଟ୍ରରେ ଶିଶୁ ଶ୍ରମିକ ପ୍ରଥା କଦାପି ଲୋପପାଇବ ନାହିଁ । ଏଥିପ୍ରତି ସରକାର ଏବଂ ନୀତି ନିର୍ଦ୍ଧାରକମାନେ ଧ୍ୟାନ ଦେବା ଆବଶ୍ୟକ ।

## ଓଡ଼ିଆ ଚଳଚ୍ଚିତ୍ରର ଜନକ : ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀ

◆ ଅଶୋକ ପାଲିତ୍




(ଅଗଷ୍ଟ ୮ ତାରିଖ ଜନ୍ମଜୟନ୍ତୀ ଉପଲକ୍ଷେ)

ତିରିଶ ଦଶକରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନକୁ ରାମାୟଣ ଓ ମହାଭାରତ ଭଳି ପୁରାଣ ଆଚ୍ଛନ୍ନ କରି ରଖିଥିଲା । ବିଶେଷ ଭାବେ ରାସଦଳ ଦ୍ୱାରା ପରିବେଷିତ ବିଭିନ୍ନ ପୌରାଣିକ ଉପାଖ୍ୟାନ ସବୁଶ୍ରେଣୀର ଦର୍ଶକଙ୍କ ମନ ଜିଣି ପାରିଥିଲା । ଏହି ରାସଦଳ ମଧ୍ୟରୁ ବୈଷ୍ଣବ ପରମ୍ପରାର ପ୍ରବକ୍ତା ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ 'ଶ୍ରୀରାଧା କୁଞ୍ଜବିହାରୀ ରାସପାର୍ଟି' ଅନ୍ୟତମ । ପୁରୀ ଠାରେ ୧୯୧୮ ମସିହାରେ ଗଠିତ ଏହି ରାସଦଳ ଓଡ଼ିଶାର ପୁରପଲ୍ଲୀ ତଥା ସୁଦୂର କଲିକତା, ନବଦ୍ୱୀପ, ମାନ୍ଦ୍ରାଜ, ମୁମ୍ବାଇ ତଥା ଭାରତର ଅନ୍ୟାନ୍ୟ ସ୍ଥାନରେ ଅପୂର୍ବ ସଫଳତାର ସହ ବିଭିନ୍ନ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ରାସ ପରିବେଷଣ କରି ଅଦମ୍ୟ ପ୍ରଶଂସା ଲାଭ କରିଥିଲେ । ଏହି ସଫଳତାର ସମସ୍ତ ଶ୍ରେୟର ହକଦାର ଥିଲେ ଦଳର ପ୍ରତିଷ୍ଠାତା ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀ । ଶ୍ରୀଶ୍ରୀ ନିତ୍ୟାନନ୍ଦ ମହାପ୍ରଭୁଙ୍କ ବଂଶଜ ପୁରୀ ମରିଚକୋଟ ନିବାସୀ ହରିଶ୍ଚନ୍ଦ୍ର ଦେବଗୋସ୍ୱାମୀଙ୍କ ଔରସରୁ ୧୮୯୨ ମସିହା ଅଗଷ୍ଟ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ମୋହନ ଗୋସ୍ୱାମୀ । ମୋହନଙ୍କ ପ୍ରକୃତ ନାମ ଥିଲା ଶ୍ୟାମସୁନ୍ଦର ଦେବଗୋସ୍ୱାମୀ । ବଡ଼ଭଉଣୀ ଆହ୍ଲାଦିନୀ ଆଦରରେ ନିଜ ସାନଭାଇକୁ ମୋହନ ବୋଲି ଡାକୁଥିଲେ । କାଳକ୍ରମେ ବାଳକ ଶ୍ୟାମସୁନ୍ଦର ମୋହନ ସୁନ୍ଦର ଦେବଗୋସ୍ୱାମୀ ଭାବେ ପରିଚିତ ହେଲେ । ମୋହନଙ୍କ ପ୍ରତିଷ୍ଠିତ ରାସଦଳ ଓଡ଼ିଶା ବାହାରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ରାସ ମାଧ୍ୟମରେ ପ୍ରଚାର ଓ ପ୍ରସାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ । ସେ ସମୟରେ ପୁରୀରେ ଜଗନ୍ନାଥ କ୍ଲବ ନାମରେ ଏକ ଡ୍ରାମାଟିକ କ୍ଲବ ଥିଲା । ପୁରୀର ଅଧିକାଂଶ ସଂସ୍କୃତି ଓ କଳାପ୍ରେମୀ ଏହି କ୍ଲବ ସହ ସଂଶ୍ଳିଷ୍ଟ ଥିଲେ । କ୍ଲବର ଅନ୍ୟତମ ସଦସ୍ୟ ଶିରୀଶ ଚନ୍ଦ୍ର ଘୋଷ କଲିକତାର ମଦନ କମ୍ପାନୀ ଆନୁକୂଲ୍ୟରେ ୧୯୨୮ ଡିସେମ୍ବର ୨୯ ତାରିଖ ଏଲଫିଂଟୋନ ପିକ୍‌ଚର ପ୍ୟାଲେସରେ ଏକ ସବାକ୍ ଇଂରାଜୀ ଚିତ୍ର ଦେଖି ଏପରି ପ୍ରଭାବିତ ହୋଇଯାଇଥିଲା ଯେ ଓଡ଼ିଆରେ ଏମିତି ଏକ କଥାକୁହା ଚିତ୍ର ନିର୍ମାଣ ପାଇଁ ନିଜର ଅଭିପ୍ରାୟ ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କୁ ଜଣାଇଥିଲେ । ଏ ନେଇ ମୋହନ ଗୋସ୍ୱାମୀ ମଧ୍ୟ ମନେମନେ କିଛି କରିବା ପାଇଁ ସିଦ୍ଧାନ୍ତ ନେଲେ । ଠିକ୍ ଏତିକିବେଳେ ୧୯୩୧ ମସିହା ମେ ୩ ତାରିଖ ଧୁଣ୍ଡିରାଜ ଗୋବିନ୍ଦ ଫାଲକେଙ୍କ ପ୍ରଯୋଜିତ ନିର୍ଦ୍ଦେଶିତ 'ରାଜା ହରିଶ୍ଚନ୍ଦ୍ର' ମୁକ୍ତିଲାଭ କରି ପ୍ରଥମ ଭାରତୀୟ ଫିଚର ଫିଲ୍ମ ମାନ୍ୟତା ପାଇଥାଏ । ପଡ଼ୋଶୀ ରାଜ୍ୟ ପଶ୍ଚିମ ବଙ୍ଗରେ ମଧ୍ୟ ସେହି ବର୍ଷ ନିର୍ବାକ ବଙ୍ଗଳା ଚିତ୍ର 'ଜାମାଇ ବାବୁ' ମୁକ୍ତିଲାଭ କରେ । ଅସମୀୟା ଚିତ୍ର 'ଜୟମାଟି' ୧୯୩୫ ମସିହା ମାର୍ଚ୍ଚ ୧୦ ତାରିଖ ମୁକ୍ତିଲାଭ ପରେପରେ ଜଗନ୍ନାଥ ଡ୍ରାମାଟିକ୍ କ୍ଲବର ସଦସ୍ୟମାନେ ପ୍ରଭୁପାଦ ମୋହନ ସୁନ୍ଦର ଦେବଙ୍କୁ ଅନୁରୋଧ କରନ୍ତି ଯଥାଶୀଘ୍ର ଓଡ଼ିଆରେ ଏକ ଚଳଚ୍ଚିତ୍ର ନିର୍ମାଣ ପାଇଁ । ଓଡ଼ିଆରେ ଏକ ସବାକ୍ ଚିତ୍ର ନିର୍ମାଣ ପାଇ ସ୍ୱପ୍ନ ଦେଖୁଥିବା ମୋହନ ସୁନ୍ଦର ଦେବଙ୍କ ପରିକଳ୍ପନାକୁ ସାକାର କରିବା ପାଇଁ ଆଗେଇ ଆସନ୍ତି ତାଙ୍କର ଅନ୍ୟତମ ଶିଷ୍ୟ ତଥା କଲିକତାରେ ଅବସ୍ଥିତ କାଳୀ ଫିଲ୍ମସ୍‌ର ମାଲିକ ପ୍ରିୟନାଥ ଗାଙ୍ଗୁଲି । କ୍ଲବର ସଦସ୍ୟମାନଙ୍କ ସହ ବିଚାର ବିମର୍ଷ ପରେ ଯାଜପୁର ସହରସ୍ଥିତ ସପନପୁର ନିବାସୀ କାମପାଳ ମିଶ୍ରଙ୍କ ୧୮୯୯ରେ ରଚିତ 'ସୀତା ବିବାହ' ନାଟକକୁ ଚଳଚ୍ଚିତ୍ର ରୂପ ଦେବା ପାଇଁ ସର୍ବସମ୍ମତି ପ୍ରକାଶ ପାଏ । ବହୁ ଘାତପ୍ରତିଘାତ ମଧ୍ୟରେ ୧୯୩୬ ମସିହା ଏପ୍ରିଲ ୨୮ ତାରିଖ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ' ମୁକ୍ତିଲାଭ କରେ । ଚଳଚ୍ଚିତ୍ର ପାଇଁ ବର୍ଷବର୍ଷ ଧରି ସମୟ ଦେବା ଫଳରେ ମୋହନ ସୁନ୍ଦର ଦେବଗୋସ୍ୱାମୀ ରାସ ଦଳ ବହୁ ଆର୍ଥିକ ଅନଟନ ଦେଇ ଗତି କରେ । ପ୍ରଭୁପାଦ ମୋହନ ସୁନ୍ଦର ଦେବଗୋସ୍ୱାମୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ । ଅଭିନୟ ଓ ନୃତ୍ୟ ସହ ନାଟ୍ୟ ରଚନାରେ ଥିଲା ତାଙ୍କର ଅସୀମ ଦକ୍ଷତା । ହାରମୋନିୟମ, ପୋଖଜ, ତବଲା, ମୃଦଙ୍ଗ, ଯୋଡ଼ିନାଗରା, ସୀତାର୍ ଓ ବଂଶୀ ସହ ପ୍ରାୟ ୨୭ ପ୍ରକାର ବାଦ୍ୟଯନ୍ତ୍ର ବଜାଇବାରେ ଥିଲା ତାଙ୍କର ଅପୂର୍ବ ଦକ୍ଷତା । ୨୮ ବର୍ଷ ବୟସରେ ୧୩ ବର୍ଷର କନ୍ୟା ମୁକୁଳମାଳାଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ନିଜ ଜୀବଦ୍ଦଶାରେ ପ୍ରଭୁପାଦ ମୋହନସୁନ୍ଦର ଦେବଗୋସ୍ୱାମୀ ୨୫ରୁ ଅଧିକ ଗୀତିନାଟ୍ୟ ରଚନା କରିଥିଲେ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ବାବାଜୀ ବୈଷ୍ଣବ ଚରଣ ଦାସ, ପ୍ରଖ୍ୟାତ ପଟ୍ଟଚିତ୍ର ଶିଳ୍ପୀ ଜଗନ୍ନାଥ ମହାପାତ୍ର, ଖ୍ୟାତନାମା ଓଡ଼ିଶୀ ନୃତ୍ୟଗୁରୁ କେଳୁଚରଣ ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ଠାରୁ ଅଭିନୟ, ନୃତ୍ୟ ଓ ସଙ୍ଗୀତ ଶିକ୍ଷାଲାଭ କରିଥିଲେ । ନିଜର ସମଗ୍ର ଜୀବନ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାରରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ଏହି ମହାନ ସାଧକ ଶେଷ ଜୀବନରେ ବହୁ ଆର୍ଥିକ ଅନଟନର ସମ୍ମୁଖୀନ ହେବା ସହ ଦୁଃସାଧ୍ୟ କୁଷ୍ଠରୋଗରେ ଆକ୍ରାନ୍ତ ହୋଇ ୧୯୪୮ ମସିହା ଜାନୁଆରୀ ୧୧ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । କର୍ମକ୍ଳାନ୍ତ ଜୀବନର ଶେଷ ପର୍ଯ୍ୟାୟରେ ରୋଗ ଓ ଅର୍ଥାଭବ ଭିତରେ ସେ ଲେଖି ଥିଲେ, *"ଜୟ ମା ଉତ୍କଳ ଜନନୀ ମୋର ଜନ୍ମଭୂମି, ବିଦାୟ ନେଉଛି ତୋଠାରୁ ଏ ମୋହନ ଗୋସ୍ୱାମୀ ।"* ଜାତୀୟ ସ୍ୱାଭିମାନୀ ଶିଳ୍ପୀ ମୋହନ ସୁନ୍ଦର ଉତ୍କଳ ନାଟ୍ୟ ଆନ୍ଦୋଳନ, ଚଳଚ୍ଚିତ୍ର ପ୍ରଯୋଜନା, ସ୍ୱର ସାଧନା ତଥା ରାସ ପରମ୍ପରାର ଅନନ୍ୟ ସ୍ରଷ୍ଟା ଭାବେ ନିଜର ନିଷ୍ଠା ସାଧନା ଓ ପ୍ରତିଭା ଦ୍ୱାରା ଶ୍ରୀରାମ ଓ ଶ୍ରୀକୃଷ୍ଣ କଥାର ଅମୃତ ରସ ମାଧୁରୀରେ ଏ ଜାତିର କଳା ଓ ଇତିହାସକୁ ଯୁଗ ଯୁଗ ଧରି ଅମର କରି ଯାଇଛନ୍ତି ।

*ଏମ୍.ସି-୧୦, ବଢ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର : ୯୮୬୧୦୮୭୪୯୭*

## ଶରତ ପୂଜାରୀ

◆ ନାଟ୍ୟସାରଥି ଅଭୟ କୁମାର ଦାସ



୧୯୩୪ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶାର ପ୍ରଖ୍ୟାତ ଚଳଚ୍ଚିତ୍ର ଅଭିନେତା ଶରତ ପୂଜାରୀ । ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଜଣେ ସକ୍ରିୟ ଅଭିନେତା ଭାବେ ଅନେକ ଗୁଡ଼ିଏ ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଯାଇଛନ୍ତି । ଅଭିନେତା ସାଙ୍ଗକୁ ସେ ଥିଲେ ଜଣେ ଉଚ୍ଚକୋଟୀର ଚିତ୍ରଶିଳ୍ପୀ । ତା'ସାଙ୍ଗକୁ ଥିଲେ ଜଣେ ସ୍ୱନାମଧନ୍ୟ ଅଧ୍ୟାପକ । ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା କଥାଚିତ୍ରରୁ ଅଭିନୟ ଜୀବନ ଆରମ୍ଭ କରିବା ପରେ 'ଜୀବନସାଥୀ', 'ସାଧନା', 'କା', 'ମାଟିର ମଣିଷ', 'ଅରୁନ୍ଧତୀ' ପ୍ରଭୃତି ସିନେମାରେ ଉଲ୍ଲେଖନୀୟ ଅଭିନୟ କରି ଅଭୁଲା ଛାପ ଛାଡ଼ିଯାଇଛନ୍ତି । ତାଙ୍କ ଅଭିନୀତ 'କିଏ କାହାର' ଫିଲ୍ମ ସେତେବେଳେ ବିଭିନ୍ନ ପ୍ରେକ୍ଷାଳୟରେ ୧୦୦ ଦିନ ବ୍ୟାପୀ ଚାଲିଥିବାର ରେକର୍ଡ଼ ସୃଷ୍ଟି କରିଥିଲା । କେବଳ ଅଭିନୟ କାହିଁକି ନିର୍ଦ୍ଦେଶନା କ୍ଷେତ୍ରରେ ମଧ୍ୟ ଶରତ ପୂଜାରୀଙ୍କ ଅବଦାନ ଥିଲା ଅତୁଳନୀୟ । 'ତଅପୋଇ', 'ଅଶାନ୍ତ ଗ୍ରହ', ଏବଂ 'ଅସ୍ତରାଗ' ଭଳି କଥାଚିତ୍ରରେ ନିର୍ଦ୍ଦେଶନା ଦାୟିତ୍ୱ ବହନ କରି ଦର୍ଶକଙ୍କୁ ବେଶ ପ୍ରଭାବିତ କରିପାରିଥିଲେ । ୨୦୦୭ ମସିହାରେ 'ପୂଜା ପାଇଁ ଫୁଲଟିଏ' ଫିଲ୍ମରେ ତାଙ୍କ ଅଭିନୟ ଏତେ ଜୀବନ୍ତ ଥିଲା ଯାହାକୁ ଦର୍ଶକ ଆଜି ବି ଝୁରି ହେଉଛନ୍ତି । ଏହି ଫିଲ୍ମ ଜାତୀୟ ସ୍ତରରେ ବେଶ୍ ସଫଳତା ହାସଲ କରିଥିଲା । ଅଭିନୟ ମାଧ୍ୟମରେ ସିନେ ଜଗତରେ ଯେଉଁ ସୋପାନ ସେ କରିଥିଲେ, ସେଥିପାଇଁ ତାଙ୍କୁ କାଦମ୍ବିନୀ ସମ୍ମାନ, ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ, ଜୟଦେବ ସମ୍ମାନ, ଭୂମିପୁତ୍ର ସମ୍ମାନ, ଗଣକବି ସମ୍ମାନ ତଥା ସିନେ କ୍ରିକେଟ ଆର୍ଟିଷ୍ଟ ଆସୋସିଏସନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୨୦୧୪ ମସିହା ମେ ୧୨ ତାରିଖରେ ଏହି ମହାନ ପ୍ରତିଭାଙ୍କର ଜୀବନଦୀପ ଲିଭିଥିଲା ।

## ଭୀଷ୍ମ ସାହାନୀ



ଭୀଷ୍ମ ସାହାନୀ ଜଣେ ପ୍ରସିଦ୍ଧ ହିନ୍ଦୀ ଲେଖକ, ନାଟ୍ୟକାର ତଥା କଳାକାର ଥିଲେ ଯିଏକି ବିଶେଷତଃ ନିଜର ପ୍ରସିଦ୍ଧ ଉପନ୍ୟାସ ଏବଂ ଟେଲିଭିଜନ ସ୍କ୍ରିନପ୍ଲେ 'ତାମସ' ପାଇଁ ଜଣାଶୁଣା । ଭୀଷ୍ମ ସାହାନୀଙ୍କ ଏହି ଉପନ୍ୟାସ ଭାରତ ବିଭାଜନ ଉପରେ ଆଧାରିତ ଥିଲା । ୧୯୯୮ରେ ସାହିତ୍ୟରେ ତାଙ୍କ ଯୋଗଦାନକୁ ଦେଖି ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୦୦୨ରେ ସାହିତ୍ୟ ଏକାଡ଼େମୀ ଫେଲୋସିପ୍ ପ୍ରଦାନ କରାଯାଇଥିଲା । ଏହି ପ୍ରସିଦ୍ଧ ସାହିତ୍ୟକାର ୧୯୧୫ ମସିହା ୮ ତାରିଖରେ ରାୱଲପିଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ । ଇଂରାଜୀ ସାହିତ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିବା ପରେ ସେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ସେ ଏକଧାରାରେ ଜଣେ ଲେଖକ, ଅଭିନେତା, ଶିକ୍ଷକ, ଅନୁବାଦକ ଏବଂ ବହୁଭାଷୀ ଥିଲେ । ୧୯୪୨ରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହେବା ପରେ ତାଙ୍କୁ ଅନେକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ଭାରତ ବିଭାଜନ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ସେଥିପାଇଁ ତାଙ୍କର ଅଧିକାଂଶ ଲେଖା ଭାରତ ବିଭାଜନ ଉପରେ ପର୍ଯ୍ୟବସିତ ଥିଲା । ସାହାନୀ ନିଜ ଭାଇ ବଳରାଜଙ୍କ ପରି ଜଣେ ଖ୍ୟାତନାମା ଅଭିନେତା ଥିଲେ । ଇଣ୍ଡିଆନ ପିପୁଲ୍ସ ଥିଏଟର ଆସୋସିଏସନରେ ଯୋଗ ଦେଇ ସ୍ୱାଧୀନ ଭାରତ ସହ ଜଡ଼ିତ ଅନେକ ନାଟକରେ ସାମିଲ ହେଲେ ଏବଂ ମଂଚ□ ଉପରେ ନିଜର ଅଭିନୟ ପ୍ରତିଭା ଦେଖାଇଲେ । ଏଥିପାଇଁ ତାଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ, ମଧ୍ୟପ୍ରଦେଶ କଳା ସାହିତ୍ୟ (ନାଟକ 'ହନୁଷ' ପାଇଁ) ପରିଷଦ ଆୱାର୍ଡ଼, ସଂଗୀତ ନାଟକ ଏକାଡ଼େମୀ ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା । ୨୦୦୩ ମସିହା ଜୁଲାଇ ୧୧ରେ ଏହି ମହାନ କାଳଜୟୀ ପ୍ରତିଭାଙ୍କର ନିଧନ ହୋଇଥିଲା ।

## ସିକନ୍ଦର ଆଲାମ୍



ଜଣେ ମୁସଲମାନ ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ଭଜନକୁ ଅତି ଭକ୍ତିର ସହ ଗାଇଥିବା ଓଡ଼ିଆ କଣ୍ଠଶିଳ୍ପୀ ହେଉଛନ୍ତି ସିକନ୍ଦର ଆଲାମ । ତାଙ୍କ ପୁରା ନାଁ ହେଉଛି ମହମ୍ମଦ ସିକନ୍ଦର ଆଲାମ । ୧୯୩୯ ମସିହା ଜୁଲାଇ ୨୭ ତାରିଖ ଆଜିର ଦିନରେ କଟକର ବୟାଳିଶି ମୌଜାର ରାଉତରାପୁର ଠାରେ ତାଙ୍କ ଜନ୍ମ । ଆଧୁନିକ ଓଡ଼ିଶାର ସାଲବେଗ ଭାବେ ସେ ପ୍ରଖ୍ୟାତ । କଟକସ୍ଥିତ ଖ୍ରୀଷ୍ଟ କଲିଜିଏଟ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ସିକନ୍ଦର ଆଲାମ ଖ୍ରୀଷ୍ଟ କଲେଜରୁ ବିଜ୍ଞାନରେ ଇ□ରମିଡ଼ିଏଟ୍ ପାସ କରିଥିଲେ । ସଂଗୀତ ପ୍ରତି ଅହେତୁକ ଭଲ ପାଇବା ଥିବା ହେତୁ ସେ ଗନ୍ଧର୍ବ ମହାବିଦ୍ୟାଳୟ ସଂଗୀତ ଶିକ୍ଷା କରିବା ପାଇଁ ଯୋଗ ଦେଇଥିଲେ । ଗୁରୁ ଗୋବିନ୍ଦ ଚନ୍ଦ୍ର ପାଲୁଶକର ଏବଂ ଉସ୍ତାଦ କୁନ୍ଦଳ ଆଦିନାରାୟଣ ରାଓଙ୍କ ଅଧୀନରେ ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତରେ

ତିରୋଧାନ ଦିବସ ଅବସରରେ

କୃତିତ୍ୱ ଲାଭ କରିବା ସହ ସଂଗୀତ ବିଶାରଦ ହାସଲ କରିଥିଲେ ।୧୯୫୭ ମସିହାରେ ମାତ୍ର ୧୮ ବର୍ଷ ବୟସରୁ ସିକନ୍ଦର ଆଲାମ ଆକାଶବାଣୀରେ ଗୀତ ଗାଇବା ଆରମ୍ଭ କରିଥିଲେ । ଭଜନ, ଜଣାଣ, ଗଜଲ, ଆଧୁନିକ ଇତ୍ୟାଦି ସଂଗୀତରେ ସେ ଦକ୍ଷତା ପ୍ରତିପାଦନ କରି ଖୁବ୍ କମ୍ ଦିନ ମଧ୍ୟରେ ଲୋକପ୍ରିୟତା ଅର୍ଜନ କରିଥିଲେ । ୧୯୬୨ ମସିହାରେ ସେ ପ୍ରଥମ ଥର ପାଇଁ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ଲକ୍ଷ୍ମୀ'ରେ 'ଆରତ ଶୁଣ ବାରେ' ଗୀତରେ କଣ୍ଠଦାନ କରିଥିଲେ । ପରବ□ୀ ସମୟରେ ସେ ବହୁ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରିଥିଲେ । ସେ କଣ୍ଠଦାନ କରିଥିବା କେତେକ ଚଳଚ୍ଚିତ୍ର ହେଉଛି ଅମଡ଼ା ବାଟ, ଅଦିନ ମେଘ, ମାଣିକ ଯୋଡ଼ି, ମମତା, ସୂର୍ଯ୍ୟମୁଖୀ, ପୂଜା ଇତ୍ୟାଦି । ପତ୍ନୀ ନାଇମା ଓ କନ୍ୟା ନାଜିଆ ଆଲାମଙ୍କ ସହ ମିଶି ସେ 'ଆଲ୍ଲା କେ ହୁଜୁର' ନାମକ ଏକ ଆଲବମ ମଧ୍ୟ ନିର୍ମାଣ କରିଥିଲେ । ସଂଗୀତ ଦୁନିଆ ବ୍ୟତୀତ ସେ ରାଜ୍ୟ କୃଷି ବିଭାଗରେ ଜଣେ ଅଧିକାରୀ ଭାବରେ ମଧ୍ୟ କାମ କରିଥିଲେ । ସେ ଓଡ଼ିଶା ରାଜ୍ୟ ସଂଗୀତ ନାଟକ ଏକାଡ଼େମୀର ସଭାପତି ଓ ସଂଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେସନର ସଭାପତି ପଦବୀ ମଧ୍ୟ ଅଳଙ୍କୃତ କରିଥିଲେ । ଜୀବନ ବ୍ୟାପୀ ସଂଗୀତ ସାଧନା ଓ କର୍ମ ଚ□ଳତା ପାଇଁ ସିକନ୍ଦର ଆଲାମଙ୍କୁ ଚିତ୍ରପୁରୀ ସମ୍ମାନ, ସୁର ସାଗର, ଧରିତ୍ରୀ ସମ୍ମାନ, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ସମ୍ମାନ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ, ସାଲବେଗ ସମ୍ମାନ, ଚିନ୍ତା ଓ ଚେତନା ସମ୍ମାନ, ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ, ସରସ୍ୱତୀ ସମ୍ମାନ, ଚଳଚ୍ଚିତ୍ର ସହସ୍ରବାଦୀ ସମ୍ମାନ, ବାଣୀଚିତ୍ର ସମ୍ମାନ, ରାଜୀବ ଗାନ୍ଧୀ ସମ୍ମାନ, ସଂଗୀତଶ୍ରୀ ଆଦି ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୧୦ ମସିହା ଅଗଷ୍ଟ ୮ ତାରିଖରେ ସିକନ୍ଦର ଆଲାମ ଇହଲୀଳା ସମ୍ବରଣ କରିଥିଲେ ।

*ଗୋତରା, ମାହାଙ୍ଗା, କଟକ*

## ଅଭିପ୍ସା

ନିହାର ରଞ୍ଜନ ସାମଲ



ସତ୍ୟର ଆଲୋକ ବୁଣିଦିଅ ମା,
ମୋ ଜୀବନର ପ୍ରତି ରେଣୁରେ ।
ଅଜ୍ଞାନର ସବୁ ଅନ୍ଧକାର
ଲୀନ ହେଉ ମା
ପାଇ ତୁମ ଦିବ୍ୟ ସ୍ୱର୍ଶରେ ।
ଅପୂର୍ଣ୍ଣତା, ଦୁର୍ବଳତା, ବିଫଳତା ଆଉ
ନ ରହୁ ମୋ ଜୀବନ ପଥେ;
ତୁମ କୃପାର ସ୍ୱର୍ଶରେ ପୂର୍ଣ୍ଣତା
ଫୁଟି ଉଠୁ ପ୍ରତି ଶ୍ୱାସେ ।
ଆଶାର ଆଲୋକ
ଦେଖାଅ ମୋତେ ମା
ତୁମ ଶୀତଳ ସାନ୍ନିଧ୍ୟ ମିଳୁ
ଏ ଭବ ସାଗର ଉତାଙ୍ଗ ତରଙ୍ଗେ
ମୋ ଜୀବନ ନାବିକଟେ ମିଳୁ ।
ତୁମ କରୁଣାର ଅମୃତର ଧାରା
ମୋ ହୃଦୟକୁ ସଦା ସିଂଚୁ
ତୁମ୍ଭ ଶ୍ରୀଚରଣେ ଶରଣ ଗଲି
ସତ୍ୟର ପଥେ ମୋ ଜୀବନ ପୂର୍ଣ୍ଣ ହେଉ ।

ଜୀବନ ଜୀବିକା ସଂଯୋଜକ
ଓଡ଼ିଶା ବନାଂଚଳ ପ୍ରକଳ୍ପ -୨
ବେତନଟୀ ବନ ବିଭାଗ, ବାରିପଦା

## ଭାରତଛାଡ଼ ଆନ୍ଦୋଳନ

◆ ରଘୁନାଥ ମହାପାତ୍ର



ଲବଣ ସତ୍ୟାଗ୍ରହ ପରି ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଥିଲା ୧୯୪୨ ଅଗଷ୍ଟ ୮ ତାରିଖ ଦିନ । ଏହି ଦିନ ଗାନ୍ଧିଜୀଙ୍କ ଆହ୍ୱାନରେ ସମଗ୍ର ଦେଶବାସୀ ଝାସ ଦେଇଥିଲେ 'ଭାରତ ଛାଡ଼' ଆନ୍ଦୋଳନରେ । ବମ୍ବେ ନଗରୀର ଗୋଆଲିଆ ଟ୍ୟାଙ୍କ ମଇଦାନ, ଯାହାକି ଆଜି ଐତିହାସିକ ଅଗଷ୍ଟ କ୍ରାନ୍ତି ମଇଦାନ ରୂପେ ପରିଚିତ ସେଠାରେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ମହା ସମ୍ମିଳନୀ ଆୟୋଜିତ ହୋଇଥିଲା । ସମଗ୍ର ଭାରତର ବିଭିନ୍ନ ପ୍ରାନ୍ତରୁ ବିପ୍ଳବୀ ସଂଗ୍ରାମୀ ଜନନେତା ଏହି ଐତିହାସିକ ସମ୍ମିଳନୀରେ ଯୋଗ ଦେଇ ବ୍ରିଟିଶ ଶାସନ ବିରୋଧରେ ଉତ୍ତୁଙ୍ଗ ସ୍ୱର ଉତୋଳନ କରିଥିଲେ । ଗାନ୍ଧିଜୀଙ୍କ 'ଭାରତ ଛାଡ଼' ଏବଂ 'କର ବା ମର' ମନ୍ତ୍ରରେ ଦୀକ୍ଷିତ ହୋଇ ଯାଇ ଥିଲେ ଜନତା । ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହୋଇଥିଲା । ସେଇ ଦିନରୁ ହିଁ ଭାରତର ସ୍ୱାଧୀନତା ପାଇଁ ପଥ ପ୍ରସ୍ତୁତ ହୋଇ ଯାଇଥିଲା । ମହାସମ୍ମିଳନୀର ସମସ୍ତ ବିବରଣୀ ଗୁପ୍ତଚରମାନଙ୍କ ଜରିଆରେ ତତ୍‌କ୍ଷଣାତ ତତ୍‌କାଳୀନ ଭାରତର ବ୍ରିଟିଶ ବଡ଼ଲାଟ୍‌ଙ୍କ ନିକଟରେ ପହଂଚିଲା । ପରିଣାମରେ ରାତି ନପାହୁଣୁ ଗାନ୍ଧୀ, ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କଂଗ୍ରେସର ସଭାପତି ମୌଲାନା ଅବୁଲ କାଲାମ ଆଜାଦ୍‌ଙ୍କୁ ପୁଲିସ ଗିରଫ କରିନେଲା । ଏହା ସହିତ ସଂଗ୍ରାମରେ ନେତୃତ୍ୱ ନେଇଥିବା ପ୍ରାୟ ୧ ଲକ୍ଷରୁ ଅଧିକ ସଂଗ୍ରାମୀଙ୍କୁ ଭାରତର ବିଭିନ୍ନ ଅଂଚଳରୁ ଗିରଫ କରାଯାଇ ଥିଲା । ଭାରତ ଛାଡ଼ ଆନ୍ଦୋଳନ ବ୍ରିଟିଶ ସରକାରଙ୍କ ବିରୋଧରେ ଭାରତବାସୀଙ୍କୁ ଏକାଠି କରିଥିଲା । ଗାନ୍ଧିଜୀ ୨୧ ଦିନ ଅନଶନ କରିଥିଲେ । ଶେଷରେ ୧୯୪୪ରେ ସହବନ୍ଦୀଙ୍କ ସହ ଗାନ୍ଧିଜୀଙ୍କୁ ଖଲାସ କରା ଦିଆଯାଇଥିଲା ।

*ସତ୍ୟଶ୍ରୀ ନିବାସ, ତାରାଚାନ୍ଦ ପାଟଣା, କଟକ*

## ସାଇବାଣୀ




✦ ମନୁଷ୍ୟ ଯେତେବେଳେ ମନକୁ ବଶ କରି ପ୍ରଭୁଙ୍କ ପାଦପଦ୍ମରେ ଏକାଗ୍ର କରେ ସେତେବେଳେ ସେ ସମାଧିପ୍ରାପ୍ତି କରିଥାଏ ।

✦ ସ୍ୱୟଂକୁ ଜାଣିବା ହିଁ ବ୍ରହ୍ମକୁ ଜାଣିବା ।

✦ ବ୍ରହ୍ମ ସର୍ବମୟ ଅଟେ ଏବଂ ଏହାଙ୍କ ସମାପ୍ତି ସମ୍ଭବ ନୁହେଁ ।

✦ ସତ୍ୟ ଓ ଜ୍ଞାନ ପ୍ରାପ୍ତି ହୋଇଥିବା ବ୍ୟକ୍ତି ନିଜ ଭାଗ୍ୟକୁ ନିଜେ ନିୟନ୍ତ୍ରିତ କରିଥାଏ ।

✦ ଆତ୍ମୋଦ୍ଧାରର କେବଳ ଗୋଟିଏ ମାର୍ଗ- ଜ୍ଞାନ ପ୍ରାପ୍ତି ।

✦ ବାବାଙ୍କ ମତରେ ସନ୍ଥଙ୍କର ତିନୋଟି କାର୍ଯ୍ୟ ହେଲା - ଭକ୍ତଙ୍କୁ ଆଧ୍ୟାତ୍ମିକ ସହାୟତା କରିବା, ପ୍ରଭୁଙ୍କ ଦ୍ୱାରା ହିଁ ମନୁଷ୍ୟର ଭାଗ୍ୟ ନିର୍ମିତ ହୁଏ, ଏହା ବୁଝାଇବା, ପ୍ରଭୁଙ୍କ ପାଖରେ ସମର୍ପଣ ହିଁ ମୁକ୍ତିର ରାଜମାର୍ଗ- ଏହାଶିଖାଇବା

✦ ଆଜି ଯଦି କର୍ମର ଫଳ ନ ମିଳେ ତେବେ ତାହା ଅନ୍ୟ ଜନ୍ମରେ ମିଳିବ ।

✦ ଦୁଃସଙ୍ଗ ତ୍ୟାଗ କରି ସତ୍‌ସଙ୍ଗ କର ।

✦ ସତ୍‌ସଙ୍ଗ ମହିମା ହେଉଛି- ଦୁଃଖ ଦୂର କରେ, ପାପ ନାଶକରେ ଏବଂ ଜୀବନକୁ ସତ୍ ପଥରେ ଚଳାଏ ।

+++

# ଶ୍ରୀମଦ୍ ଭଗବଦ୍ ଗୀତା ଆବୃତି ପ୍ରତିଯୋଗିତା ଅନୁଷ୍ଠିତ




ବାରିପଦା(ନିପ୍ର): ମୟୂରଭଞ୍ଜର ଏକ ଅଗ୍ରଣୀ ଆଧାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତି ପ୍ରତିଯୋଗିତା ସ୍ଥାନୀୟ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଭା କକ୍ଷରେ ସଂଘର ପ୍ରତିଷ୍ଠାତା ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଶିଷ୍ଟ ଆଧାତ୍ମିକ ପ୍ରବାଚକ ଭାଗବତ ପଣ୍ଡା ଭଗବଦ୍ ଗୀତା ପାଠର ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରି ଗୀତା ହିଁ ମାନବ ଜୀବନର ଏକ ମାତ୍ର ଆଧାର ଯାହାକୁ ପାଥେୟ କରି ଜଣେ ମଣିଷ କିପରି ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ପ୍ରତିଯୋଗିତା ସମ୍ପର୍କରେ ନିୟମାବଳୀ ପ୍ରକାଶ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଏକଦଶ ଶ୍ରେଣୀ ଛାତ୍ରୀ ଅଲିକା ଦାଶ - ପ୍ରଥମ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ହରିପ୍ରିୟା ମାହାର୍ଣ୍ଣା - ଦ୍ୱିତୀୟ, ବି.ସି.ସି. ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଏକାଦଶ ଶ୍ରେଣୀ ଛାତ୍ରୀ - ଗୀତାଳୀ ଧର ମହାପାତ୍ର -ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବିଭାଗରେ ସାଇ ଆଦର୍ଶ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନନ୍ଦିନୀ କର୍ମକାର ଦ୍ୱିତୀୟ ଓ ଶୁଭଶ୍ରୀ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ନେହାଶିନୀ ବେହେରା ତୃତୀୟସ୍ଥାନ ଅଧିକାର କରି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଡାକ୍ତର ପାର୍ଥ ସାରଥୀ ଜେନା ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସଂକର୍ଷଣ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇ ପ୍ରତିଭାମାନଙ୍କର ମୂଲ୍ୟାୟନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରତିଭା ପ୍ରମାଣ ପତ୍ର ସଂଘ ତରଫରୁ ପ୍ରଦାନ କରାଯାଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ଅଗଷ୍ଟ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ । ପରିଶେଷରେ ସଂଘର ସମ୍ପାଦକ ଭାଗବତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଲେ



ନୀଳଗିରି(ନିପ୍ର): ନୀଳଗିରି ବିଜେଡି କାର୍ଯ୍ୟାଳୟରେ ନୀଳଗିରି ଏନଏସି ୮ ନମ୍ବର , ୧୧ ନମ୍ବର ଓ ୧୨ ନମ୍ବର ୱାର୍ଡରୁ ଶତାଧିକ ଅନ୍ୟ ଦଳର କର୍ମୀ ଜନପ୍ରିୟ ନେତା ନବୀନ ପଟ୍ଟନାୟକ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦଳ ଛାଡି ବିଜେଡି ଦଳରେ ସାମିଲ ହୋଇଛନ୍ତି କ୍ଷ ତ୍ୱେ ଆଗାମୀ ତ୍ରି ସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେପି କୁ ଉପଯୁକ୍ତ ଜବାବ ଦିଆଯିବ ବୋଲି କର୍ମୀ ମାନେ କହିଥିଲେ । ବିଜେଡ଼ି ନେତା ମହେଶ୍ୱର ରାଉତ, ମହେଶ୍ୱର ଗୋଛାୟତ, ଶ୍ୟାମସୁନ୍ଦର ନାୟକ ଅନିମା ରାଉତ, ସୌମ୍ୟରଞ୍ଜନ ନାୟକ ଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଂଚଳର ବିଜେଡି ଅଧିକ ସଶକ୍ତ ହେଲା ବୋଲି ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ କହିଛନ୍ତି । ଏହି ମିଶ୍ରଣ ପର୍ବରେ ଏନଏସି ସଭାପତି ଅଚ୍ୟୁତ ପ୍ରଧାନ, ବରିଷ୍ଠ ବିଜେଡ଼ି ନେତା ଗଙ୍ଗାଧର ମିଶ୍ର, ଯୁବ ନେତା ବୁଦ୍ଧଦେବ ସରକାର ଓ ବରିଷ୍ଠ ନେତା ସୁନୀଲ ପ୍ରଧାନ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ନିଶାମୁକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ




କଟକ(ନିପ୍ର): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟର ମାଇଁ ଭାରତ କଟକ ପକ୍ଷରୁ ରଘୁନାଥ ଜିୟୁ ଡିଗ୍ରୀ କଲେଜରେ ଜିଲ୍ଲାସ୍ତରୀୟ ନିଶାମୁକ୍ତ ଯୁବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୁବ ଅଧିକାରୀ ରୋଶନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସ୍ୱାଗତିକା ବେହେରା, ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁ, ଜାତୀୟ ସେବା ଯୋଜନା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼ ସନ୍ଧ୍ୟା ସାୟନ୍ତିନୀ ମହାନ୍ତି ଓ କଲେଜ ପ୍ରଶାସନିକ ଅଧିକାରୀ ଡ଼ ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ବର୍ତମାନ ପରିସ୍ଥିତିରେ ନିଶାମୁକ୍ତ କାର୍ଯ୍ୟକ୍ରମରେ ଯୁବ ଶକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ କଲେଜର ଛାତ୍ରଛାତ୍ରୀ ଓ ଯୁବ ପ୍ରତିନିଧି ମଧ୍ୟରେ ଲୋକ ନୃତ୍ୟ, ଲୋକ ସଙ୍ଗୀତ, ନୁକୁଡ ନାଟକ, ବକ୍ତୃତା, ଚିତ୍ରକଳା, କବିତା ପଠନ, ରିଲସ ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଆସନ୍ତା ୧୦ ତାରିଖରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମରେ ୨୪ଜଣ ଶିକ୍ଷାବିତ ଯୋଗଦେଇଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଟ୍ ପରୀକ୍ଷାରେ ସଫଳ ଛାତ୍ର ଶିବଶଙ୍କରଙ୍କୁ ବସ୍ତା ବିଧାୟିକାଙ୍କ ଦ୍ୱାରା ସମ୍ବର୍ଦ୍ଧନା

ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ଦେଭୋଗ ପଂଚାୟତ ଅନ୍ତର୍ଗତ ବିଲକୁମ୍ଭାରୀ ଗ୍ରାମର ହରେକୃଷ୍ଣ ପାତ୍ର ଓ ମଞ୍ଜୁଲତା ପାତ୍ର ଙ୍କ ବଡ଼ ପୁଅ ଶିବଶଙ୍କର ପାତ୍ର ଚଳିତ ବର୍ଷ ନିଟ ପ୍ରବେଶିକା ପରୀକ୍ଷାରେ ୭୨୦ ନମ୍ବରରୁ ୬୪୮ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।ଏହି ଗୌରବମୟ ସଫଳତା ଅବସରରେ ଗୁରୁବାର ତାଙ୍କ ବାସଭବନରେ ପହଂଚି ଶିବଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା କ୍ଷ ଶିବଶଙ୍କରଙ୍କୁ ବିଧାୟିକା ଶ୍ରୀମତୀ ଜେନା ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ ।

ପୁଅର ସଫଳତା ପାଇଁ ବାପା ହରେକୃଷ୍ଣ ଓ ମା' ମଞ୍ଜୁଲତାଙ୍କୁ ମଧ୍ୟ ଧନ୍ୟବାଦ ଦେଇଥିଲେ ବିଧାୟିକା ଶ୍ରୀମତୀ ଜେନା । ଶିବଶଙ୍କରଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ



ନୁହେଁ, ବିଲକୁମ୍ଭାରୀ ଗ୍ରାମ, ସମଗ୍ର ବାଲିଆପାଳ ଅଂଚଳ ଓ ବାଲେଶ୍ୱର ଜିଲ୍ଲା ପାଇଁ ମଧ୍ୟ ଗର୍ବର ବିଷୟ । ତାଙ୍କ କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ଏହି ସଫଳତାର ମୂଳ ଆଧାର ବୋଲି ବିଧାୟିକା ଶ୍ରୀମତୀ ଜେନା ମତ ପ୍ରକାଶ କରିଥିଲେ କ୍ଷମହାପ୍ରଭୁଙ୍କ ନିକଟରେ ଶିବଶଙ୍କରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସେ ଜଣେ ସଫଳ ଚିକିତ୍ସକ ହୋଇ ଦେଶ ଓ ସମାଜର ସେବା କରନ୍ତୁ ବୋଲି ବିଧାୟିକା ଶ୍ରୀମତୀ ଜେନା କହିଥିଲେ । ବିଧାୟିକାଙ୍କ ସହ ଅନ୍ୟ ମାନଙ୍କ ମଧ୍ୟରେ ଦେଭୋଗ ପଂଚାୟତର ସରପଂଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଂଚାୟତ ସରପଂଚ ଦେବ କୁମାର ଦେ, ୨୧ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ସୁନୀଲ ଜେନା, ୨୨ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସରପଂଚ ବିଜୟ କୃଷ୍ଣ ବେହେରା, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର, ଯୁବ ନେତା ଜୟ ନାରାୟଣ ଜେନା, ଦୁର୍ଜୟ ନାୟକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଭିଜିଲାନ୍ସ ଜାଲରେ ଏଡିଇଓ

କଟକ(ନିପ୍ର): ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜ ଜାଙ୍କିଆ ଗ୍ରାମ ପଂଚାୟତର ଆକାଉଂଟାଂଟ-କମ-ଡାଟା ଏଂଟ୍ରି ଅପରେଟର ପ୍ରଶାନ୍ତ କୁମାର ଭଞ୍ଜଙ୍କୁ ଓଡିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି । ସୂଚନା ଅନୁଯାୟୀ ଯେତେବେଳେ ଶ୍ରୀ ଭଞ୍ଜ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଘର ନିର୍ମାଣ ପାଇଁ ଏମ୍ ଜି ଏନ୍ ଆର୍ ଇ ଜି ଏସ ଅଧୀନରେ ଜଣେ ଜବକାର୍ଡଧାରୀ ଭାବରେ ତାଙ୍କ ପ୍ରାପ୍ୟ ବୋନସ୍ ପ୍ରଦାନ ଏବଂ ଦେୟ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ଜଣେ ହିତାଧିକାରୀଙ୍କଠାରୁ ୪,୦୦୦ ଟଙ୍କା ଲାଂଚ ମାଗୁଥିଲେ ଏବଂ ନେଉଥିଲେ । କିଛି ଦିନ ପୂର୍ବରୁ, ଅଭିଯୁକ୍ତ ଶ୍ରୀ ଭଞ୍ଜ ହିତାଧିକାରୀଙ୍କଠାରୁ ୭,୦୦୦ ଟଙ୍କା ନେଇସାରିଛନ୍ତି । ହିତାଧିକାରୀ ମାର୍ଚ୍ଚ, ୨୦୨୫ ରେ ସମୟସୀମା ମଧ୍ୟରେ କାମ ସମାପ୍ତ କରିସାରିଛନ୍ତି । ଗତ ମାର୍ଚ୍ଚ ମାସରୁ, ହିତାଧିକାରୀ ଶ୍ରୀ ଭଞ୍ଜଙ୍କୁ ବୋନସ୍ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରି ଆସୁଥିଲେ କାରଣ ପି ଏମ୍ ଏ ୱାଇ - ଜି ଅନୁଯାୟୀ ନିର୍ମାଣ କାର୍ଯ୍ୟ ସମୟସୀମାରେ ସମାପ୍ତ କରିବା ଏବଂ ଏମ୍ ଜି ଏନ୍ ଆର୍ ଇ ଜି ଏସ ଅନୁଯାୟୀ ତାଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । କିନ୍ତୁ, ଶ୍ରୀ ଭଞ୍ଜ ଉକ୍ତ ଉଦ୍ଦେଶ୍ୟରେ ପୁନର୍ବାର ୪,୦୦୦ ଟଙ୍କା ଲାଂଚ ଦାବି କରିଥିଲେ । ଦାବି ପୂରଣ କରିବାରେ ବିଫଳ ହେବା ପରେ, ହିତାଧିକାରୀ (ଅଭିଯୋଗକାରୀ) ଅଭିଯୁକ୍ତ ଏ ଡି ଇ ଓ ଶ୍ରୀ ଭଞ୍ଜଙ୍କ ଦ୍ୱାରା ତାଙ୍କୁ ହଇରାଣ କରାଯାଇଥିବା ବିଷୟରେ ଭିଜିଲାନ୍ସ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ଏହି ଆଧାରରେ, ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଅଭିଯୁକ୍ତ ୪,୦୦୦ ଟଙ୍କା ଲାଂଚ ନେଉଥିବା ସମୟରେ ଶ୍ରୀ ଭଞ୍ଜଙ୍କୁ ଗିରଫ କରିଥିଲେ । ଅଭିଯୁକ୍ତ ଶ୍ରୀ ଭଞ୍ଜଙ୍କ ନିକଟରୁ ସମସ୍ତ ଲାଂଚ ଟଙ୍କା ଜବତ କରାଯାଇଛି । ଡି ଏ ଦୃଷ୍ଟିକୋଣରୁ ଲିଙ୍କ୍ ହୋଇଥିବା ଶ୍ରୀ ଭଞ୍ଜର ଦୁଇଟି ସ୍ଥାନରେ ଏକକାଳୀନ ଖାନ୍ ତଲାସ କରାଯାଉଛି । ଏହି ସମ୍ପର୍କରେ, ଭୁବନେଶ୍ୱର ଭିଜିଲାନ୍ସ ପି.ଏସ୍. ମାମଲା ନଂ. ୧୮ ତାରିଖ ୦୬.୦୮.୨୦୨୬ ୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ଅନ୍ତର୍ଗତ ପଞ୍ଜୀକୃତ ହୋଇଛି । ଅଭିଯୁକ୍ତ ଶ୍ରୀ ଭଞ୍ଜ, ଏଡିଇଓଙ୍କ ବିରୁଦ୍ଧରେ ତଦନ୍ତ ଜାରି ରହିଛି ।

# ମିଶନ୍ ସବୁଜ ସୁନ୍ଦର କାର୍ଯ୍ୟକ୍ରମର ଶୁଭାରମ୍ଭରେ ଫଳବୃକ୍ଷ ରୋପଣ ଓ ବଂଟନ

କୋରେଇ(ନିପ୍ର): ୧୧ଘଟିକା ସମୟରେ କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ୍ ପାଟରଙ୍ଗା ଗ୍ରାମପଂଚାୟତ ଗୋହିରାଗଡିଆ ଠାରେ ଶ୍ରୀ କ୍ଷେତ୍ରପାଳ ଉଚ୍ଚ ବିଦ୍ୟାଳୟରେ କୋରେଇର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆକାଶ ଦାସନାୟକଙ୍କ କରକମଳରେ ମିଶନ୍ "ସବୁଜ ସୁନ୍ଦର କୋରେଇ" ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇ ବୃକ୍ଷରୋପଣ କରାଯାଇ ସ୍କୁଲର ପିଲାମାନଙ୍କୁ ନଡିଆ, ପଣସ, ଆମ୍ବ, ପିଜୁଳି, ଲେମ୍ବୁ ଆଦି ଫଳଗଛ ବଂଟନ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମ ଶେଷପରେ ଗୋହିରାଗଡିଆ ଗ୍ରାମରେ ସମସ୍ତ ପରିବାରଙ୍କୁ ନଡିଆ ଗଛ ବଂଟନ କରାଯାଇଥିଲା । ବର୍ତମାନ ଜଳବାୟୁ ପରିବର୍ତନ ଯୋଗୁ ବିଭିନ୍ନ ପ୍ରକାର ପ୍ରାକୃତିକ ଦୁର୍ବିପାକ ଘଟୁଛି । ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଧନଜୀବନ ହାନୀ ହେଉଛି । ଗଛ ଲଗାଇବା ଦ୍ୱାରା ଏହିସବୁ ସମସ୍ୟାରୁ କିଛିମାତ୍ରାରେ ମୁକ୍ତି ମିଳିପାରିବ ବୋଲି ଆଶା ବାନ୍ଧିଛନ୍ତି ଶ୍ରୀ ଦାସନାୟକ । ଏହା ସହିତ ଏହି ଗଛ ଛାଇରେ ଲୋକେ ଆରାମ ପାଇବେ, ରାସ୍ତାରେ ଯାତାୟତ କରୁଥିବା




ପଥଚାରୀମାନେ ଟିକେ ବିଶ୍ରାମ ନେଇପାରିବେ ଏବଂ ଫଳ ଫଳିଲେ ତା'ର ଫଳ ଖାଇ ଲୋକେ ଭୋକ ମେଂଟାଇ ପାରିବେ ବୋଲି ଶ୍ରୀ ଦାସନାୟକ କହିଛନ୍ତି । ସଂପ୍ରତି ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜନବସତି ଗଢିଉଠୁଛି । ଲୋକମାନେ ଆବଶ୍ୟକୀୟ ଗୃହ ଉପକରଣ ଏବଂ ଗୃହ ନିର୍ମାଣ କରିବାକୁ ଜଙ୍ଗଲ ଧ୍ୱଂସ କରିବାରେ ଲାଗିଛନ୍ତି । ଏମିତିକି ଜଙ୍ଗଲରେ ନିଆଁ ଲଗାଇ ଜଙ୍ଗଲ ନଷ୍ଟ କରିବାକୁ ପଛାଉନାହାଁନ୍ତି । ଗଛ କାଟିବା ଦ୍ୱାରା ବାୟୁମଣ୍ଡଳରୁ ଆସ୍ତେ ଆସ୍ତେ ଅମ୍ଳଜାନ କମିଯାଉଛି । ଅମ୍ଳଜାନ କମିଯିବାରୁ ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ଏହିସବୁ ସମସ୍ୟାରୁ ମୁକ୍ତି ପାଇବାପାଇଁ ଗଛ ଲଗାଇବା ନିତାନ୍ତ ଜରୁରୀ ଅଟେ । ନିଜର କର୍ମମୟ ଜୀବନରୁ ସମୟ ବାହାରକରି ସମସ୍ତଙ୍କୁ କିଛି କିଛି ଗଛ ଲଗାଇବାକୁ ନିବେଦନ କରିଛନ୍ତି । ତାଙ୍କର ଏହି ପ୍ରୟାସ ଆଗାମୀ ପିଢିପାଇଁ ନିଶ୍ଚିତ ପ୍ରେରଣା ଯୋଗାଇବ । ଆସନ୍ତୁ ସମସ୍ତଙ୍କ ସହଯୋଗରେ ବୃକ୍ଷରୋପଣ କରିବା । କୋରେଇକୁ ସବୁଜସୁନ୍ଦର କରି ଗଢିତୋଳିବା । ଆଗାମୀ ଦିନରେ କୋରେଇ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରେ ଘରେ ଗଛ ପହଂଚାଇବା ପାଇଁ ଶ୍ରୀ ଦାସନାୟକ ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ କୋରେଇ ବ୍ଲକ୍ ବିଧାୟକ ପ୍ରତିନିଧି ଧନେଶ୍ୱର ବାରିକ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ଧଳ, ଅସନଝର ସରପଂଚ ମମତା ମଞ୍ଜରୀ ସ୍ୱାଇଁ, ପ୍ରୀତିରଞ୍ଜନ ସାହୁ, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ଜିଲ୍ଲା ମହିଳା ସଭାନେତ୍ରୀ ଦୀପ୍ତିମୟୀ କୁଅଁର, ବନ୍ଧାଳ ସରପଂଚ ବିଷ୍ଣୁ ରଥ, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, ବ୍ରାହ୍ମଣୀଦେବୀ ମଣ୍ଡଳ ଯୁବ ସଭାପତି ସୁଜିତ୍ ସ୍ୱାଇଁ, ସାଦକପୁର ସରପଂଚ ରବିନ୍ଦ୍ର ବେହେରା, କନ୍ତୋର ସରପଂଚ ସାରଙ୍ଗ ପ୍ରଧାନ, ଅନ୍ଧାରୀ ଗ୍ରାମପଂଚାୟତ ପୂର୍ବତନ ସମିତି ସଭ୍ୟ କୁଳମଣି ଦାସ, ମକୁନ୍ଦପୁର ସଭାପତି ହିମାଂଶୁ ପାଢୀ, ଅସନଝର ସଭାପତି ପ୍ରହଲ୍ଲାଦ ଜେନା, ବୈତରଣୀ ମଣ୍ଡଳ ଯୁବ ସଭାପତି ମନୋଜ ଦାସ, କନ୍ତୋର ପୂର୍ବତନ ସମିତି ସଭ୍ୟ ଅଶୋକ ବାରିକ, ବରୁଣ୍ଡେଇ ପୂର୍ବତନ ସମିତି ସଭ୍ୟା ଜୟନ୍ତୀ ସାହୁ, ଦିବାକର ମହାପାତ୍ର, ନୀଳମାଧବ ଚକ୍ର, ଉଦୟ ପରିଡା, ଜନ୍ମେଜୟ ସାହୁ, ଗୋପାଳ ସାହୁ, ଗୟାଧର ପରିଡା, ସଞ୍ଜିବ ନାୟକ ସୁବ୍ରତ ସ୍ୱାଇଁ, ରସୁଲପୁର ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ପଣ୍ଡା, ୩୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଶିଶିର ମହାନ୍ତି, ରସୁଲପୁର ମିଡିଆ ସେଲ୍ ପଦ୍ମଲୋଚନ ନାୟକ, ନରସିଂହପୁର ଗ୍ରାମପଂଚାୟତ ସଭାପତି ସୁବାଷ ନାୟକ, ହିଙ୍ଗୁଳା ମଣ୍ଡଳ ସଭାପତି ବିନୋଦ ମହାରଣା, ଅଦ୍ୱୈତ ରାଉତ, ପ୍ରକାଶ ସାହୁ, ଶଶୀଭୁଷଣ ସାହୁ, ରମାକାନ୍ତ ବେହେରା, ଦୁଶ୍ମନ୍ତ ମଳିକ, ପ୍ରଫୁଲ୍ଲ ସାହୁ, ସର୍ବେଶ୍ୱର ସାହୁ, ପାଟରଙ୍ଗା ଗ୍ରାମପଂଚାୟତର ସରପଂଚ ରଞ୍ଜନ ଦାସ, ସମିତି ସଭ୍ୟ କୁଶ ମୁଣ୍ଡା, ବିଜେପି ସଭାପତି ରବିନାରାୟଣ ଦାସ, ବସନ୍ତ କର, ନିତ୍ୟାନନ୍ଦ ସାହୁ, ତୁଷାରକାନ୍ତ ସ୍ୱାଇଁ, ଅମିତା ସାହୁ, ପଂଚାନନ ବାଣ୍ଡ, ସୁରେନ୍ଦ୍ର ଦାସ, ବିଜୟ ପୃଷ୍ଟି, ବିଜୟ ବେହେରା, ବାବନ ବାରିକ, କାଶୀନାଥ ବେହେରା, ହୃଷିକେଶ ବେହେରା, ଅରୁଣ ସେଠୀ, ରାଜେନ୍ଦ୍ର ବିହାରୀ, ପ୍ରକାଶ ନାୟକ, ଦିଲ୍ଲୀପ ନାୟକ, ଭଜୁ ପ୍ରଧାନ ରାକେଶ ନାୟକ, ଚିନ୍ତାମଣି ପାତ୍ର, ବୋଧିରାମ ପାତ୍ର, ଦିଲ୍ଲୀପ ସ୍ୱାଇଁ, ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

# କ୍ୟାଚ୍ ଦ ରେନ୍: ଜଳ ସଂଚୟରୁ ଜଳ ଉତ୍ସର ସ୍ଥାୟୀତ୍ୱ ପର୍ଯ୍ୟନ୍ତ

ଜଳ ସଦାସର୍ବଦା ଆମର ଗ୍ରାମ, କୃଷିକ୍ଷେତ୍ର ଏବଂ ସାମ୍ପ୍ରଦାୟିକ ଜୀବନକୁ ଆକାର ପ୍ରଦାନ କରି ଆସିଛି । ଏହା ଜୀବନ ଜୀବିକାକୁ ପୋଷଣ ଯୋଗାଏ, ପରିବେଶ ପ୍ରଣାଳୀକୁ ବଜାୟ ରଖେ ଏବଂ ମାନବ ବିକାଶର ପ୍ରତ୍ୟେକ ଦିଗକୁ ସମର୍ଥନ ପ୍ରଦାନ କରେ । ତେଣୁ ପ୍ରକୃତିର ଏହି ମୂଲ୍ୟବାନ ସମ୍ପଦକୁ ସୁରକ୍ଷା ଦେବା କେବଳ ଏକ ପରିବେଶଗତ ଦାୟିତ୍ୱ ନୁହେଁ, ବରଂ ଏକ ମିଳିତ ଜାତୀୟ କର୍ତବ୍ୟ ବୋଲି ବିବେଚନା କରାଯାଏ । ଏହି ମିଳିତ ଦାୟିତ୍ୱ ହେଉଛି ପାନୀୟଜଳର ସମ୍ମାନ ଏବଂ ସଂରକ୍ଷଣର ମୂଳ ଆଧାର । ଏହା ଏକ ଦେଶବ୍ୟାପୀ ଚଳା ଯାଉଥିବା ଅଭିଯାନ, ଯାହା ପାନୀୟଜଳ ଏବଂ ପରିମଳ ବିଭାଗ ଦ୍ୱାରା ଜୁଲାଇ ୨୧ ତାରିଖଠାରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଜଳସଂଚୟ ଜନ ଭାଗିଦାରୀ: ବର୍ଷାଜଳ ସଂଗ୍ରହ-୨୦୨୬ ଅନ୍ତର୍ଗତ 'କ୍ୟାଚ୍ ଦି ରେନ୍'ର ଅଭିଯାନ ସହିତ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟକାରୀ କରାଯାଉଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ୍ର ୧୩୫ତମ ସଂସ୍କରଣରେ ଜଳ ସଂଚୟ ଜଳଭାଗିଦାରୀ ପାଇଁ ଆହ୍ୱାନ ଉପରେ ଆଧାରିତ ଏହି ଅଭିଯାନ ସାରା ଦେଶରେ ବର୍ଷାଜଳ ସଂଚୟ, ଭୂତଳ ଜଳ ପୁନଃଭରଣ, ପୁନଃଭରଣ ସଂରଚନାର ନିର୍ମାଣ, ଜଳ ଉତ୍ସର ସ୍ଥାୟୀତ୍ୱ ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛି । ଏହାର ମୂଳରେ ଏକ ସରଳ ବିଶ୍ୱାସ ରହିଛି: ଆମର ପାନୀୟଜଳକୁ ସୁରକ୍ଷା ପ୍ରଦାନ କରିବା, ଏହା ପ୍ରବାହିତ ହେଉଥିବା ଉତ୍ସଗୁଡ଼ିକୁ ସୁରକ୍ଷା ଦେବା ସହିତ ହିଁ ଆରମ୍ଭ ହୋଇଥାଏ । ଏହି ପ୍ରୟାସର ଗୁରୁତ୍ୱ କ୍ରମଶଃ ଆମମାନଙ୍କ ସମ୍ମୁଖରେ ସ୍ପଷ୍ଟ ହେବାରେ ଲାଗିଛି । ଭାରତରେ ବିଶ୍ୱର ପ୍ରାୟ ୧୮ ପ୍ରତିଶତ ଜନସଂଖ୍ୟା ବସବାସ କରନ୍ତି: କିନ୍ତୁ ଏହାର ମଧୁର ଜଳସମ୍ପଦର ମାତ୍ରା କେବଳ ୪ ପ୍ରତିଶତରେ ହିଁ ଉପଲବ୍ଧ । ଦିନକୁ ଦିନ ବଢି ଚାଲିଥିବା ଜଳ ଚାହିଦା ଦ୍ରୁତ ସହରୀକରଣ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ନଦୀ, ପୁଷ୍କରିଣୀ ଏବଂ ଭୂତଳ ଜଳ ସଂରକ୍ଷଣ ଉପରେ ନିରନ୍ତର ଭାବେ ଚାପ ସୃଷ୍ଟି କରି ଚାଲିଛି । ତଥାପି ଜଳ ସଂରକ୍ଷଣ ଆମର ସଭ୍ୟତାଗତ ନୀତିରେ ଗଭୀର ଭାବରେ ଜଡ଼ିତ । ଆଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବାର ଢେର ପୂର୍ବରୁ ସାରା ଭାରତରେ ବିଭିନ୍ନ ଗୋଷ୍ଠୀମାନେ ସେମାନଙ୍କର ସ୍ଥାନୀୟ ଭୂଗୋଳ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥାର ବିକାଶ ଘଟାଇଥିଲେ । ପଶ୍ଚିମ ଭାରତର ଷ୍ଟେପ ଓ୍ୱେଲ ଏବଂ ରାଜସ୍ଥାନର ଜୋହଡ଼ ଠାରୁ ଦକ୍ଷିଣର ମନ୍ଦିରକୁଣ୍ଡ ଏବଂ ଗାଙ୍ଗେୟ ସମତଳ ଭୂମିରେ ଗ୍ରାମ୍ୟ ପୁଷ୍କରିଣୀ ପର୍ଯ୍ୟନ୍ତ ଏହା ସର୍ବତ୍ର ପରିଲକ୍ଷିତ ହୋଇଥାଏ । ଏଗୁଡ଼ିକ କେବଳ ଜଳଉତ୍ସ ଗଠନ କରିନଥିଲା, ବରଂ ସାମୂହିକ ପ୍ରୟାସ ଏବଂ ସହଭାଗୀ ଦାୟିତ୍ୱ ମାଧ୍ୟମରେ ବଜାୟ ରହିଥିବା ସାମୂହିକ ଅନୁଷ୍ଠାନରେ ପରିଣତ ହୋଇଥିଲା । ଆଜି ଆଧୁନିକ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ଆମକୁ ଏହି ମହାନ ଓ ପ୍ରାଚୀନ ଐତିହ୍ୟକୁ ସୁଦୃଢ କରିବାକୁ ସକ୍ଷମ କରିଛି । ଉକ୍ତ ସ୍ଥାୟିତ୍ୱକୁ ଭାରତର ଜଳସୁରକ୍ଷାର ଏକ ଅତ୍ୟାବଶ୍ୟକ ସ୍ତମ୍ଭ ଭାବେ ଉପସ୍ଥାପିତ କରିଛି । ଏହି ବୁଝାମଣା ଆମର ଜଳ ସଂରକ୍ଷଣ ପ୍ରୟାସର ବିବର୍ତନକୁ ମାର୍ଗଦର୍ଶନ କରୁଛି । ଜଳ ସଂଚୟ ଜନଭାଗିଦାରୀ: 'କ୍ୟାଚ୍ ଦି ରେନ୍' (ଯେଏସଜେବି: ସିଟିଆର) ୩ସି- ଗୋଷ୍ଠୀ, ମୂଲ୍ୟ ଏବଂ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଉପରେ କେନ୍ଦ୍ରୀତ ସ୍ୱଳ୍ପ ଖର୍ଚ୍ଚ, ବୈଜ୍ଞାନିକ ପଦ୍ଧତିରେ ଡିଜାଇନ ହୋଇଥିବା ବ୍ୟବସ୍ଥା, ଗୋଷ୍ଠୀ ନେତୃତ୍ୱାଧୀନ ଜଳ ସଂରକ୍ଷଣର ହସ୍ତକ୍ଷେପକୁ ପ୍ରୋତ୍ସାହିତ କରେ । ଏହି ଅଭିଯାନ ଜନ ଭାଗିଦାରୀ (ଜନସଂଖ୍ୟାର ଅଂଶଗ୍ରହଣ) ମାଧ୍ୟମରେ କୃତ୍ରିମ ଭୂତଳ ଜଳକୁ ପୁନର୍ଜାଗରିତ କରିବା ଏବଂ ଜଳ ସଂରକ୍ଷଣ ଗଠନ ସୃଷ୍ଟି କରିବାକୁ ପ୍ରୋତ୍ସାହନ ଯୋଗାଏ । ଏହା ଜଳ ସଂରକ୍ଷଣ, ଭୂତଳ ଜଳକୁ ପୁନଃ ଜୀବନ ପ୍ରଦାନ ଏବଂ ସ୍ଥାୟୀ ଜଳ ପରିଚାଳନା ଉପରେ ଆମର ଧ୍ୟାନ କେନ୍ଦ୍ରୀତ କରେ । ଜଳସେବା ଆକଳନ ଗ୍ରାମ ପଂଚାୟତଗୁଡ଼ିକୁ ନିୟମିତ ଭାବରେ ଗ୍ରାମୀଣ ପାନୀୟଜଳ ବ୍ୟବସ୍ଥାର କାର୍ଯ୍ୟକାରିତା ମୂଲ୍ୟାଙ୍କନ କରିବାକୁ ସକ୍ଷମ କରିଥାଏ । ସାମଗ୍ରିକ ଭାବରେ ଏହି ପଦକ୍ଷେପ ଗୁଡିକ ଏକ ସମନ୍ୱିତ ପଦ୍ଧତିକୁ ପ୍ରତିଫଳିତ କରେ । ଯେଉଁଥିରେ ଭିତିଭୂମି, ଉତ୍ସର ସ୍ଥାୟିତ୍ୱ ଏବଂ ଗୋଷ୍ଠୀଦ୍ୱାରା ଅଂଶଗ୍ରହଣ ପରସ୍ପରକୁ ମଜବୁତ କରିବାରେ ସହାୟକ ହୋଇଥାଏ । ଜଳଜୀବନ ମିଶନର ଉଲ୍ଲେଖନୀୟ ଅଗ୍ରଗତି ଭାରତର ଜଳଯାତ୍ରାର ଏହି ପରବର୍ତୀ ପର୍ଯ୍ୟାୟ ନିମନ୍ତେ ଏକ ମଜବୁତ ଭିତିଭୂମି ପ୍ରଦାନ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଫଳରେ ଜଳଜୀବନ ମିଶନ ଗ୍ରାମୀଣ ଭାରତର ପାନୀୟଜଳ ଦୃଶ୍ୟପଟ୍ଟକୁ ଆମୂଳଚୁଳ ପରିବର୍ତନ କରିଛି । ବର୍ତମାନ ଦେଶର ୧୫.୮ କୋଟିରୁ ଅଧିକ ଗ୍ରାମୀଣ ପରିବାର ନଳକୂପ ଯୋଗେ ପାନୀୟଜଳ ପାଇପାରୁଛନ୍ତି । ଏହା ଲକ୍ଷ ଲକ୍ଷ ପରିବାରଙ୍କ ଜୀବନରେ ବ୍ୟାପକ ପରିବର୍ତନ ଆଣିଛି । ବିଶେଷକରି ମହିଳାମାନେ ଯେଉଁମାନେ ପ୍ରତି ଦିନ ଘଂଟା ଘଂଟା ଧରି ପାଦରେ ଚାଲି ଦୂରଦୂରାନ୍ତ ସ୍ଥାନକୁ ଯାଇ ବିଭିନ୍ନ ଅସୁରକ୍ଷିତ ଉତ୍ସରୁ ପାନୀୟଜଳ ଆଣୁଥିଲେ, ସେମାନଙ୍କୁ ଏଥିପାଇଁ ପର୍ଯ୍ୟାପ୍ତ ସମୟ ଅପଚୟ କରିବାକୁ ପଡୁଥିଲା । ପାନୀୟଜଳର ଉନ୍ନତ ଉପଲବ୍ଧତା ସ୍ୱାସ୍ଥ୍ୟ ଫଳାଫଳକୁ ଅଧିକ ଉନ୍ନତ କରିଛି । ଏଥି ସହିତ ଶିକ୍ଷା ଏବଂ ଜୀବନଜୀବିକା ପାଇଁ ସୁଯୋଗକୁ ବିସ୍ତାରିତ କରିଛି ଏବଂ ଗ୍ରାମୀଣ ପରିବାରଗୁଡ଼ିକୁ ଅଧିକ ମର୍ଯ୍ୟାଦା ଏବଂ ସୁବିଧା ଯୋଗାଇଛି । ଜଳ ଜୀବନ ମିଶନ ୨.୦ ଏହି ସଫଳତାକୁ ଆଗକୁ ବଢାଇ ଚାଲିଛି । ତେଣୁ ଆଗାମୀ ଦଶନ୍ଧି ପର୍ଯ୍ୟନ୍ତ ଏହି ବ୍ୟବସ୍ଥାଗୁଡ଼ିକ ନିର୍ଭରଯୋଗ୍ୟ ଭାବରେ ତିଷ୍ଠି ରହିବ, ତାହା ସୁନିଶ୍ଚିତ କରିବା ଉପରେ ମଧ୍ୟ ସମାନ ମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଏକ ମଜବୁତ ପାନୀୟଜଳ ଭିତିଭୂମି ଏବଂ ସୁସ୍ଥ ଜଳଉତ୍ସଗୁଡ଼ିକ ଏହି ଦୃଷ୍ଟିକୋଣର ପରିପୂରକ ସ୍ତମ୍ଭ । ବର୍ଷାଜଳ ସଂରକ୍ଷଣ, ଭୂତଳ ଜଳ ପରିପୂରଣ ଏବଂ ନଦୀ, ପୁଷ୍କରିଣୀ ଏବଂ ଜଳଭଣ୍ଡାରଗୁଡ଼ିକୁ ସୁରକ୍ଷା ପ୍ରଦାନ କରି ଆମେ ଗ୍ରାମୀଣ ଭାରତକୁ ସେବା କରୁଥିବା ବ୍ୟବସ୍ଥାଗୁଡ଼ିକର ଦୀର୍ଘସ୍ଥାୟୀ ସ୍ଥିରତାକୁ ମଧ୍ୟ ଅଧିକ ସଶକ୍ତ କରୁଛୁ । ଗ୍ରାମଗୁଡ଼ିକରେ ସେହି ଦୃଷ୍ଟିକୋଣ ସାମୂହିକ କାର୍ଯ୍ୟରେ ପରିଣତ ହେଉଛି । ଏହି ଗ୍ରାମ ପଂଚାୟତଗୁଡ଼ିକ ସ୍ଥାନୀୟ ଜଳଉତ୍ସ ମାନଙ୍କ ଜରିଆରେ ହର୍ ଘର୍ ଜଲ୍ ସଂରକ୍ଷଣ ପ୍ରକଳ୍ପକୁ ନେଇ ଏକତ୍ରିତ ହେଉଛନ୍ତି । ବର୍ଷାଜଳ ସଂଗ୍ରହ, ଭୂତଳ ଜଳର ପୁନଃ କାର୍ଯ୍ୟକ୍ଷମ ଏବଂ ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ପ୍ରକଟିତ କରୁଛନ୍ତି । ଜଳ ଚଉପାଳ ମାଧ୍ୟମରେ ଜଳସମିତିଗୁଡ଼ିକ ସ୍ଥାନୀୟ ଜଳ ବଜେଟ୍, ଭୂତଳ ଜଳ ଉତ୍ସର ପୁନଃ କାର୍ଯ୍ୟକ୍ଷମକରଣ ଏବଂ ଗ୍ରାମ ପଂଚାୟତ ବିକାଶ ଯୋଜନା (ଜିପିଡିପି)ରେ ଉତ୍ସ ସ୍ଥିରତା ପଦକ୍ଷେପ ଅନ୍ତର୍ଭୁକ୍ତ କରିବା ଉପରେ ଏହି ଆଲୋଚନାକୁ ସହଜ କରାଯାଉଛି । ଏହା ନିଶ୍ଚିତ କରୁଛି ଯେ ଜଳ ସୁରକ୍ଷା ଗ୍ରାମ୍ୟ ବିକାଶ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଥିବ । ଗୋଷ୍ଠୀଗୁଡ଼ିକ କୂପ, ପୁଷ୍କରିଣୀ ଏବଂ ଜଳାଶ୍ରୟ ସଫେଇ କରି ଉତ୍ସ ସୁରକ୍ଷା ଅଭିଯାନ ସଂପାଦନ କରୁଛନ୍ତି ଏବଂ ଭିବି-ଗ୍ରାମ ଜି, ଡିଏମ୍ଏଫ, କାମ୍ପା, ଜଳଛାୟା ବିକାଶ କାର୍ଯ୍ୟକ୍ରମ, ଏସବିଏମ୍ (ଜି) ପରି ଯୋଜନା ସହ ସମନ୍ୱୟ କରି ପୁନଃଭରଣ ସଂରଚନା ନିର୍ମାଣ, ନିଷ୍କ୍ରିୟ ବୋରଓ୍ୱେଲର ପୁନରୁଦ୍ଧାର ଏବଂ ପୁନଃଭରଣ କ୍ଷେତ୍ରରେ ବୃକ୍ଷରୋପଣ ଭଳି ଦୀର୍ଘକାଳୀନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି । ସ୍ୱେଚ୍ଛାସେବୀ ଶ୍ରମଦାନ, ଓଭରହେଡ୍ ଟ୍ୟାଙ୍କ ଏବଂ ପମ୍ପ ହାଉସଗୁଡ଼ିକରେ ଚିତ୍ରିତ ଜଳ ସଂରକ୍ଷଣ ବାର୍ତା ଏବଂ ମାଇଁ ଭାରତ ପ୍ଲାଟଫର୍ମ ମାଧ୍ୟମରେ ଯୁବପିଢିଙ୍କ ଅଂଶଗ୍ରହଣ ଜନ ଭାଗିଦାରିତାକୁ ସୁଦୃଢ କରୁଛି । ଲୋକ ଜଳ ଉତ୍ସ ମାଧ୍ୟମରେ ପାଳିତ ଏହି ପଦକ୍ଷେପଗୁଡ଼ିକ ଗ୍ରାମ ପଂଚାୟତ କର୍ମୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନିତ କରିବା ନିମନ୍ତେ ସ୍ଥାନୀୟ ପରମ୍ପରାକୁ ମଧ୍ୟ ଆକର୍ଷିତ କରୁଛି । ସେମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ଗ୍ରାମାଂଚଳ ଜଳ ବ୍ୟବସ୍ଥାକୁ ପ୍ରତିଦିନ କାର୍ଯ୍ୟକ୍ଷମ କରିଥାଏ । ସେମାନେ ଏକତ୍ର ପ୍ରଦର୍ଶନ କରିଥାନ୍ତି ଯେ ଯେତେବେଳେ ସରକାରୀ ପଦକ୍ଷେପ ଗୁଡ଼ିକ ସାମୁଦାୟିକ ମାଲିକାନା ସହିତ ସମନ୍ୱୟ ରକ୍ଷା କରନ୍ତି, ସେତେବେଳେ ସ୍ଥାୟୀ ଜଳସୁରକ୍ଷା ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇଥାଏ । ଜଳ ସୁରକ୍ଷା ସଦାସର୍ବଦା ଏକ ମିଳିତ ପ୍ରୟାସ ଭାବେ ସାବ୍ୟସ୍ତ ହୋଇ ରହିଆସିଛି । ଏସବୁ କାରଣ ବ୍ୟତୀତ ଦୀର୍ଘକାଳୀନ ପାନୀୟଜଳ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରତି ଜିଲ୍ଲାର ଜିଲ୍ଲାପାଳମାନଙ୍କ ପାଇଁ ଜିଲ୍ଲା ଜଳ ଓ ପରିମଳ ମିଶନ (ଡିଡବ୍ଲୁଏସଏମ୍) ଡ୍ୟାସବୋର୍ଡରେ ଏକ ନିଷ୍ପତି ସମର୍ଥନ ପ୍ରଣାଳୀ (ଡିଏସଏସ ପ୍ଲାଟଫର୍ମ) ଉପଲବ୍ଧ କରାଯାଉଛି । ଏହା ଜଳ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟକୁ ଏକକ ପ୍ଲାଟଫର୍ମରେ ସମନ୍ୱିତ କରି ବୈଜ୍ଞାନିକ ଯୋଜନା ପ୍ରସ୍ତୁତି, ଗ୍ରାମସ୍ତରୀୟ ଜଳ ବଜେଟ୍, ଜଳ ଉତ୍ସର ସୁରକ୍ଷା, ଭୂତଳ ଜଳ ପୁନଃଭରଣ ଏବଂ ତଥ୍ୟଭିତିକ ନିରୀକ୍ଷଣକୁ ସହଜ କରୁଛି । ସରକାର ଭିତିଭୂମି ସୃଷ୍ଟି କରିପାରନ୍ତି, ସଂସ୍ଥାଗୁଡ଼ିକୁ ମଜବୁତ କରିପାରନ୍ତି ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ଆବଶ୍ୟକ ସମ୍ବଳ ମଧ୍ୟ ଯୋଗାଡ଼ କରିପାରନ୍ତି । ଗୋଷ୍ଠୀଗୁଡ଼ିକ ସମୟକ୍ରମେ ସ୍ଥାନୀୟ ଜ୍ଞାନ, ପରିଚାଳନା ଏବଂ ସାମୂହିକ କାର୍ଯ୍ୟକୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟାନ୍ୱୟନ କରିଥାନ୍ତି । ଯେତେବେଳେ ଏହିସବୁ ଶକ୍ତିଗୁଡ଼ିକ ଏକଜୁଟ ହୁଅନ୍ତି, ସେମାନେ ସ୍ଥିର ପାନୀୟଜଳ ବ୍ୟବସ୍ଥା ଗଠନ କରନ୍ତି । ଯାହା ବର୍ତମାନ ଏବଂ ଭବିଷ୍ୟ ପିଢି ଉଭୟଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇବାକୁ ସକ୍ଷମ ହୋଇପାରିବ । ଯେପରି ଆମେ ସମସ୍ତେ ଏକଥା ଜାଣୁ ଯେ ଜଳ ଜୀବନ ମିଶନ ଅଧୀନରେ ୮.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସମଗ୍ର ଭାରତରେ ଏକ ଅଭୂତପୂର୍ବ ଗ୍ରାମୀଣ ପାନୀୟଜଳ ଭିତିଭୂମି ସୃଷ୍ଟି କରିଛି । ତଥାପି ଏହାର ଦୀର୍ଘକାଳୀନ ସଫଳତା ଜଳ ଉତ୍ସଗୁଡ଼ିକୁ ସେମାନଙ୍କର ଜଳ ଯୋଗାଣ ଯୋଜନାମାନଙ୍କର ମାଲିକାନା ନେବା ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳନା କରିବା ନିମନ୍ତେ ସଶକ୍ତ କରିବା ଉପରେ ନିର୍ଭର କରେ । ଆଗାମୀ ଦିଗରେ ଏହି ଅଭିଯାନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଂଚଳଗୁଡ଼ିକରେ ବ୍ୟାପିବା ସହିତ, ପାନୀୟ ଜଳର ପ୍ରତ୍ୟେକ ଉତ୍ସକୁ ସୁରକ୍ଷା ଦେବା ନିମନ୍ତେ ଆମର ମିଳିତ ପ୍ରତିବଦ୍ଧତାକୁ ନବୀକରଣ କରବା । ବର୍ଷା ଜଳ ସଂଗ୍ରହ, ଭୂତଳ ଜଳ ପୁନଃସ୍ଥାପନ, ପାରମ୍ପରିକ ଜଳାଶୟକୁ ପୁନରୁଦ୍ଧାର କିମ୍ବା ସ୍ଥାନୀୟ ଉତ୍ସକୁ ସୁରକ୍ଷା ଦେବା ନିମନ୍ତେ ପ୍ରତ୍ୟେକ ପ୍ରୟାସ ହର ଘର ଜଳର ମୂଳଦୁଆକୁ ମଜବୁତ କରେ । ଏହା ଫଳରେ ଗ୍ରାମୀଣ ସମ୍ପ୍ରଦାୟର ଜୀବନଧାରଣ ମାନ ବୃଦ୍ଧି ପାଇବ ଯାହା ବିକଶିତ ଭାରତ ୨୦୪୭ର ଜାତୀୟ ଦୃଷ୍ଟିକୋଣ ସହିତ ଦୀର୍ଘକାଳୀନ ଜଳ ସୁରକ୍ଷାକୁ ସହଯୋଗ ଯୋଗାଇବ । ଏଥି ନିମନ୍ତେ ଆମେ ଏକତ୍ରିତ ହୋଇ ସୁନିଶ୍ଚିତ କରିପାରିବା ଯେ ଏହି ଐତିହାସିକ ଜାତୀୟ ସଫଳତା କେବଳ ଆଜି ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ପାନୀୟ ଜଳ ଯୋଗାଇବା ଜାରି ରଖିପାରିବ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବାରୁ ସ୍ଥାୟୀ ଜଳ ପରିଚାଳନା ଲୋକଙ୍କ ଅଂଶଗ୍ରହଣ (ଜନ ଭାଗିଦାରୀ)କୁ ଉଦାହରଣ ଦେବା ଉଚିତ, ଯେଉଁଠାରେ ପ୍ରତ୍ୟେକ ନାଗରିକ, ଗ୍ରାମ ପଂଚାୟତ ଏବଂ ଗୋଷ୍ଠୀ ଏକ ଜଳ-ସୁରକ୍ଷିତ ରାଷ୍ଟ୍ର ନିମନ୍ତେ ଆମର ମୂଲ୍ୟବାନ ଜଳ ସଂପଦ ସଂରକ୍ଷଣ ଏବଂ ସୁରକ୍ଷା କରିବାରେ ସକ୍ରିୟ ଭାବରେ ଯୋଗଦାନ ଦେଇ ପାରିବେ ।



ସି.ଆର.ପାଟିଲ

***(ଲେଖକ କେନ୍ଦ୍ର ସରକାରରେ ଜଳଶକ୍ତି ମନ୍ତ୍ରୀ ଭାବରେ କାର୍ଯ୍ୟରତ)***

# ପ୍ରବଳ ବର୍ଷାରେ ଭାଙ୍ଗିଲା ଘର: ଅଳ୍ପକେ ବର୍ତିଲେ ଦୁଇ ପରିବାର



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ଚହିଁରା ଗ୍ରାମରେ ବାସ କରନ୍ତି ଦୁଇ ଭାଇ ଦିଗାମ୍ବର ବନଛୋର୍ଡ ଓ ଜଗତ ବନଛୋତ । ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଉଥିବା ଏହି ଦୁଇ ଗରିବ ପରିବାର ପାଇଁ ମୁଣ୍ଡ ଉପରେ ଛାତ ଟିକିଏ ସବୁବେଳେ ଏକ ବଡ଼ ସ୍ୱପ୍ନ ହୋଇ ରହିଥିଲା । ଆବାସ ଯୋଜନାରେ ଘରଟିଏ ପାଇବାର ନିବେଦନ କାଗଜପତ୍ର ଭିତରେ ଚାପି ହୋଇ ରହିଯାଇଥିବା ବେଳେ, ସେମାନେ ନିଜର ଦଦରା ଓ ପୁରୁଣା ଖପର ଘରେ କାଳ ବିତାଉଥିଲେ । ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ଲଗାଣ ଓ ପ୍ରବଳ ବର୍ଷା ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି । ଲଗାତାର ବର୍ଷା ଯୋଗୁଁ ଘରର ଭିଜି ଯାଇଥିବା କାନ୍ଥ ଓ ଦଦରା ଛାତ ସମ୍ଭାଳି ନପାରି ଶେଷରେ ସମ୍ପୂର୍ଣ୍ଣ ଭାବେ ଘରର ପଛ ଭାଗଁ ପଡ଼ିଛି । ଘରର ସମ୍ମୁଖ ଭାଗ ଓ ଖପର ସବୁ ଚୁରମାର୍ ହୋଇଯାଇଥିବା ବେଳେ, ଦୁଇ ପରିବାରର ସଦସ୍ୟମାନେ ସୌଭାଗ୍ୟବଶତଃ ଅଳ୍ପକେ ବର୍ତି ଯାଇଛନ୍ତି । ଘର ଭାଙ୍ଗିଯିବା ଯୋଗୁଁ ସେମାନଙ୍କର ଘରକରଣା ସାମଗ୍ରୀ ଓ ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଛି । ବର୍ତମାନର ସ୍ଥିତି ଅତ୍ୟନ୍ତ ଶୋଚନୀୟ । ମୁଣ୍ଡ ଗୁଞ୍ଜିବାକୁ ଆଉ ଆଶ୍ରୟ ନଥିବାରୁ, ଚାଳର ଭଙ୍ଗା ଅଂଶ ଓ ପାଲ ଟାଣି ଦୁଇ ପରିବାର ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି । ବର୍ଷା ପାଣି ଓ ଓଦା ମାଟି ଭିତରେ ଛୋଟ ଛୋଟ ପିଲାଙ୍କୁ ଧରି କାଳ ବିତାଇବା ସେମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ସରକାରଙ୍କ ବିଭିନ୍ନ ଆବାସ ଯୋଜନା ଥାଇ ମଧ୍ୟ ଏହି ପ୍ରକୃତ ଗରିବ ପରିବାର ଏପର୍ଯ୍ୟନ୍ତ ଏଥିରୁ ବଂଚିତ ହୋଇ ରହିଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । କ୍ଷତିଗ୍ରସ୍ତ ଦୁଇ ଭାଇ ଦିଗାମ୍ବର ଓ ଜଗତ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି ଯେ, ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉ ଏବଂ ଆବାସ ଯୋଜନାରେ ଗୋଟିଏ ଲେଖାଏଁ ପକ୍କା ଘର ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଉ । ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଏଥିପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# କଲେଜ କର୍ତୃପକ୍ଷଙ୍କ ତରଫରୁ ରୋଟାରୀ କ୍ଲବର ମହତ୍ ପଦକ୍ଷେପକୁ ପ୍ରଶଂସା



ନୟାଗଡ଼(ନିପ୍ର): ସେବା ହିଁ ରୋଟାରୀର ପରିଚୟ, ଏହାକୁ ପ୍ରମାଣ କରିଛି ରୋଟାରୀ କ୍ଲବ ନୟାଗଡ଼ । ଗତବର୍ଷ ଆର୍ଥିକ ଅନଟନ ମଧ୍ୟରେ ପାଠପଢ଼ା ଜାରି ରଖିବା ପାଇଁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ମେଧାବୀ ଛାତ୍ରୀ ରଶ୍ମିତା ପରିଡାଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ଆଗାମୀ ଦିନରେ ମଧ୍ୟ ସହଯୋଗ ଜାରି ରଖିବ ବୋଲି କ୍ଲବ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ସେହି ପ୍ରତିଶ୍ରୁତିକୁ ବଜାୟ ରଖି ଚଳିତ ବର୍ଷ ମଧ୍ୟ ରୋଟାରୀ କ୍ଲବ ନୟାଗଡ଼ ପକ୍ଷରୁ ରଶ୍ମିତା ପରିଡାଙ୍କୁ ପୁଣିଥରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରକାଶ କୁମାର ରାଉତ, ଅର୍ଥନୀତି ବିଭାଗର ମୁଖ୍ୟ ଡ଼. ଦିଲ୍ଲୀପ ମିଶ୍ର, ଅଧ୍ୟାପିକା ରିଙ୍କୁ ଖାଡେଙ୍ଗା, ବନ୍ଦନା ନାୟକ ଓ ଅଧ୍ୟାପକ ରବୀନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ରୋଟାରୀ କ୍ଲବର ସଭାପତି ରୋଟାରିଆନ ବାସୁଦେବ ସାହୁ ଛାତ୍ରୀ ରଶ୍ମିତାଙ୍କୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଏହି ଅବସରରେ ରୋଟାରୀ କ୍ଲବର ସଂପାଦକ ଦିଲ୍ଲୀପ ମିଶ୍ର, ପୂର୍ବତନ ସଭାପତି ମଦନମୋହନ ମହାପାତ୍ର, ବରିଷ୍ଠ ସଦସ୍ୟ ଜି. ରଶ୍ମି ରାଜ ଏବଂ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ରୋଟାରୀ କ୍ଲବ ନୟାଗଡ଼ର ଏହି ପଦକ୍ଷେପ କେବଳ ଜଣେ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ନାହିଁ, ବରଂ ସମାଜ ପ୍ରତି ଦିଆ ଯାଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟରେ ପରିଣତ କରିବାର ଏକ ଉତମ ଦୃଷ୍ଟାନ୍ତ ସୃଷ୍ଟି କରିଛି । କଲେଜ କର୍ତୃପକ୍ଷ ରୋଟାରୀ କ୍ଲବର ଏହି ମହତ୍ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିବା ସହ ସାମାଜିକ ଦାୟିତ୍ୱବୋଧର ଏକ ପ୍ରେରଣାଦାୟକ ଉଦାହରଣ ବୋଲି ମତ ପ୍ରକାଶ କରିଥିଲେ ।

# ୪ମାସ ଧରି ମିଳୁନି ଆଶୀର୍ବାଦ ଯୋଜନାର ସହାୟତା ରାଶି : ହନ୍ତସନ୍ତ ହିତାଧିକାରୀ

ସୋର(ନିପ୍ର): କୋଭିଡ ସମୟରେ ବାପା ମାଆଙ୍କୁ ହରାଇଥିବା କିମ୍ବା ପରିବାରର ମୁଖ୍ୟଙ୍କୁ ହରାଇଥିବା ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଓଡିଶା ସରକାରଙ୍କ ପକ୍ଷରୁ ଆଶୀର୍ବାଦ ଯୋଜନା ମାଧ୍ୟମରେ ସହାୟତା ପ୍ରଦାନ କରାଯାଉଛି । ଯେଉଁଥିରେ ଶତାଧିକ ଅନାଥ ପିଲା ଉପକୃତ ହେଉଛନ୍ତି । ମାତ୍ର ଗତ ୪ମାସ ଧରି ଏହି ସହାୟତା ରାଶି ନମିଳିବାରୁ ହିତାଧିକାରୀମାନେ ବ୍ୟାପକ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ସୋର ବ୍ଲକ ପାଖର ପଂଚାୟତ ଖେରଣା ଗ୍ରାମର ହେମନ୍ତ ଶଙ୍ଖୁଆ ଗତ ୨୦୨୦ ମସିହା ଅକ୍ଟୋବର ମାସ ୧୭ ତାରିଖରେ ଅର୍ଥାତ କୋଭିଡ ସମୟରେ ମୃତ୍ୟୁବରଣ କରିଥିଲେ । ପରେ ତାଙ୍କ ଏକମାତ୍ର କନ୍ୟା ଶୁଭଶ୍ରୀ ଶଙ୍ଖୁଆଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯାଉଥିଲା । ମାତ୍ର ଗତ ୪ମାସ ଧରି ଏହି ସହାୟତା ରାଶି ନମିଳିବାରୁ ସେ ଏବେ ବ୍ୟାପକ ଅସୁବିଧାକୁ ସମ୍ମୁଖିନ ହେଉଛନ୍ତି । ତାଙ୍କ ମା ମିନତି ଶଙ୍ଖୁଆ ଦୋକାନରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଟ୍ୟୁସନ ଟଙ୍କା ଓ ଲୁଗା କିଣିବାକୁ ଅସମର୍ଥ ଥିବା ପ୍ରକାଶ କରିଛନ୍ତି । ସେହିପରି ସିମୁଳିଆର ନନ୍ଦିନୀ ବିଶ୍ୱାଳ(୬)ଙ୍କ ବାପା ମା ମରିଯାଇଥିବାରୁ ଜେଜେବାପାଙ୍କ ପାଖରେ ରହି୨୫୦୦ ଟଙ୍କା ପାଉଥିଲେ । ସୋର ସାଜନପୁର ପଂଚାୟତର କେଶପୁର ମଧୁସ୍ମିତା ମହାନ୍ତିଙ୍କ ସ୍ୱାମୀ ମୃତ୍ୟୁ ପରେ ତାଙ୍କ ଝିଅକୁ ୧୫୦୦ଟଙ୍କା ମଳିଥିଲା, ମାତ୍ର ୪ ମାସ ହେଲା ଏହି ଅର୍ଥ ମିଳି ପାରି ନାହିଁ । ସେହିପରି ସୋର ବ୍ଲକର ଅନ୍ୟ ପଂଚାୟତମାନଙ୍କରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ହିତାଧିକାରୀମାନେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବାରୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବାକୁ ପାଖର ପଂଚାୟତର ପୂର୍ବତନ ସରପଂଚ ତ୍ରିଲୋଚନ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି । ଏନେଇ ସୋର ସିଡିପିଓ ହାରାମଣି ନାଏକଙ୍କୁ ପଚାରିବାରୁ ସୋର ବ୍ଲକରେ କେତେଜଣ ହିତାଧିକାରୀ ଅଛନ୍ତି ମୋ ପାଖରେ କୌଣସି ତଥ୍ୟ ନାହିଁ । ମାତ୍ର ଅଭିଯୋଗ ପରେ ମୁଁ ଯୋଗାଯୋଗ କରିବାରୁ ହିତାଧିକାରୀମାନେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଟଙ୍କା ପାଇଛନ୍ତି ।

# ଓଡ଼ିଶାର ପିଲାମାନଙ୍କୁ ସବୁ ସୁବିଧାରୁ ବଂଚିତ କରିବା ଲାଗି ହୀନ ପ୍ରୟାସ

ଭୁବନେଶ୍ୱର: ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନ ଏଭଳି ଏକ ଅନୁଷ୍ଠାନ ଯାହାର ନାମ ଖାଲି ଓଡିଶାରେ ନୁହେଁ ଦେଶ ବିଦେଶରେ ମଧ୍ୟ ବହୁ ଆଗରେ ରହିଛି । ଏହାର ବିଭିନ୍ନ କ୍ଷେତ୍ରରେ ଗୋଷ୍ଠୀ ଉନ୍ନୟନ ମୂଳକ କାର୍ଯ୍ୟ ହେଉ ବା ପିଲାର ଚରିତ୍ର ଗଠନ ହେଉ ଛୋଟ ଛୋଟ କାର୍ଯ୍ୟରୁ ଆରମ୍ଭ କରି ବନ୍ୟା ବାତ୍ୟା ସମୟରେ ସାହାଯ୍ୟ କରିବା ସ୍କାଉଟ ଗାଇଡ୍ରେ ଯୋଗଦେଇଥିବା ପିଲାମାନେ ଦୀର୍ଘ ବର୍ଷ ଧରି କରିଆସୁଛନ୍ତି । ବିଭିନ୍ନ କ୍ଷେତ୍ରରେ ସଫଳତାର ସହିତ ଓଡିଶାର ନାମ ଆଗକୁ ନେଇଛନ୍ତି । ବର୍ତମାନ ମଧ୍ୟ ତାମିଲନାଡୁର ଉଟି ଓ ଝାଡଖଣ୍ଡରେ ମଧ୍ୟ ଓଡିଶାର ପିଲାମାନେ ପ୍ରତିନିଧିତ୍ୱ କରୁଛନ୍ତି । ବିଭିନ୍ନ ସମୟରେ ମାନ୍ୟବର ରାଜ୍ୟପାଳ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ପାଖରୁ ବହୁତ ବଡ ବଡ ସମ୍ମାନର ଅଧିକାରୀ ହୋଇପାରିଛନ୍ତି । ସ୍କାଉଟ ଗାଇଡ୍ମାନେ ସ୍ୱତନ୍ତ୍ର ଭାବରେ ମହାବିଦ୍ୟାଳୟରେ ନାମ ଲେଖାଇବା ସମୟରେ ମଧ୍ୟ ଯେହେତୁ ସେମାନଙ୍କର ସମୟ ସାମାଜିକ କାର୍ଯ୍ୟକ୍ରମରେ ଦେଇଥାନ୍ତି ତାଙ୍କୁ ମହାବିଦ୍ୟାଳୟରେ ନାମଲେଖା ସମୟରେ ମଧ୍ୟ ସୁବିଧା ଦିଆଯାଏ ଯେଉଁମାନେ କି ସ୍କାଉଟ ଗାଇଡ୍ର ପ୍ରମାଣପତ୍ର ଦେଖାଇଥାନ୍ତି । ଏପରିକି ବିଭିନ୍ନ ଜାତୀୟ ସ୍ତରୀୟ ଚାକିରୀରେ ମଧ୍ୟ ସ୍କାଉଟ ଗାଇଡ୍ ପିଲାମାନଙ୍କ ପାଇଁ କୋଟାର ସୁବିଧା ରହିଆସିଛି । ରେଲଓ୍ୱେରେ ପ୍ରତିବର୍ଷ ସ୍କାଉଟ ଗାଇଡ୍ର ସ୍ୱତନ୍ତ୍ର ପରୀକ୍ଷା ଦେଇ ଚାକିରୀ ପାଇବାର ସୁବିଧା ମଧ୍ୟ ରହିଛି । କିନ୍ତୁ ବର୍ତମାନର ସରକାର କିଛି ଉଚ୍ଚପଦସ୍ତ ଅଫିସର ଏବଂ ମନ୍ତ୍ରୀମାନେ ପିଲାମାନଙ୍କର ଯେଉଁସବୁ ସୁବିଧା ପୂର୍ବରୁ ପାଇ ଆସୁଥିଲେ ଯଥା ରେଲୱେ ଚାକିରି ହେଉ ବା ସ୍କାଉଟ ଗାଇଡ୍ମାନେ ନିଜ ଜିଲ୍ଲା, ରାଜ୍ୟ ବାହାରକୁ ଏବଂ ସମୟ କ୍ରମେ ଦେଶ ବାହାରକୁ ଯାଇ ଓଡିଶାର ନାମକୁ ଆଗକୁ ବଢ଼ାଇପାରୁଥିଲେ ସେହି ସବୁ ସୁବିଧାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରି ସ୍କାଉଟ ଗାଇଡ୍ର ନିର୍ବାଚନ ବନ୍ଦ କରିଛନ୍ତି । ଏହି ବିଷୟରେ ଜଣାପଡିବା ପରେ ବିଭିନ୍ନ ଜିଲ୍ଲାରୁ ଏବଂ କିଛି ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶିକ୍ଷା ମନ୍ତ୍ରୀ ଶିକ୍ଷା ବ୍ୟବସ୍ଥାର ଗୋଟିଏ ଅଙ୍ଗ କହିଲେ ଅତ୍ୟୁକ୍ତି ହେବନାହିଁ ସ୍କାଉଟ ଗାଇଡ୍ ବିଭାଗ । ଏହାକୁ ଏପରି ଅଣଦେଖା କରିବା ଏବଂ ଦୀର୍ଘବର୍ଷ ଧରି କହିବାକୁ ଗଲେ ପ୍ରାୟ ୬୦ ବର୍ଷ ଧରି ସୁରୁଖୁରୁରେ ଅଭିଭାବକ ମାନଙ୍କ ମନରେ ସ୍କାଉଟ ଗାଇଡ୍ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଖାଲି ଯେ ସହରାଂଚଳରେ ତାହା ନୁହେଁ ସୁଦୂର ମାଲକାନଗିରିରେ ଏହି ପିଲାମାନଙ୍କର କାର୍ଯ୍ୟକୁ ନେଇ ଅଭିଭାବକମାନେ ଖୁସିଥିବା ବେଳେ ବର୍ତମାନର ରାଜ୍ୟ ସରକାର କ'ଣପାଇଁ ଏତେ ଅସନ୍ତୁଷ୍ଟ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।





# ଜୟହିନ୍ଦ୍ କ୍ଲବ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ବିଏଫସି କୁଚିଣ୍ଡା ଓ ଜୟଦୁର୍ଗାକ୍ଲବ ରେଙ୍ଗାଲି

ଝାରସୁଗୁଡା(ନି.ପ୍ର.)-ସ୍ଥାନିୟ ମନମୋହନ ସ୍କୁଲ ଫୁଟବଲ ପଡିଆରେ ଜୟହିନ୍ଦ କ୍ଲବ ଆନୁକୁଲ୍ୟରେ ୧୩ ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଆଜି ୨ୟ ସେମିଫାଇନାଲ



ଶାନ୍ତିନଗରର ଝାରସୁଗୁଡା ଓ ବିଏଫସି କୁଚିଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ୧-୧ ଗୋଲରେ ଡ୍ର ରହିବାରୁ ଟ୍ରାଇବେକର ପଦ୍ଧତି ବିଏଫସି କୁଚିଣ୍ଡା ୫-୪ ଗୋଲରେ ବିଜୟୀ ହୋଇ ୨ୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ଆଜି ବର୍ଷା ହୋଇ ପଡିଆ ଓଦା ଥିବାରୁ ଉଭୟ ଦଳର ଖେଳାଳି ମାନେ ଖେଳିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇ ଥିଲେ । ଏହି ମ୍ୟାଚରେ ବିଏଫସି କୁଚିଣ୍ଡା ଦଳର ଗୋଲକିପର ଚନ୍ଦନ ବାଗ ସର୍ବଶ୍ରେଷ୍ଠ ଖେଳାଳି ଭାବରେ ପୁରସ୍କୃତ ହୋଇ ଥିଲେ । ଆଜିର ମ୍ୟାଚରେ ପୂର୍ବତନ ଓଏସଏପିର ଦୁର୍ଗପତି ଭବାନୀ ଶଙ୍କର ସେଠ ଅତିଥି ଭାବରେ ଯୋଗ ଦେଇ ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଏହି ଖେଳକୁ , କାର୍ତିକ ଦାସ ,ଗିରିଷ ପ୍ରଧାନ , ଅଗସ୍ତି ହାତିପଦ , ସଂଜୟ କିଶାନ ପ୍ରଭୃତି ପରିଚାଳନା କରି ଥିଲେ ।

# ବ୍ରହ୍ମପୁର ଉପଖଣ୍ଡରେ ବିଭିନ୍ନ ରାଜନୈତିକ ଦଳଙ୍କୁ ଫର୍ମ ବଂଟନ

ବ୍ରହ୍ମପୁର(ନି.ପ୍ର.)- ବ୍ରହ୍ମପୁର ଉପଖଣ୍ଡ ସ୍ତରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଏକ ସଭା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବିଭିନ୍ନ ବିଷୟ ଯଥା ଆପତି ଅଭିଯୋଗ ବିଷୟ ଆଲୋଚନା କରାଯାଇଥିଲା ଓ ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ



ଚିଠି ଅନୁଯାୟୀ ଫର୍ମ ନମ୍ବର ୯, ୧୦, ୧୧, ୧୧ ଏ ଓ ୧୧ ବି ପ୍ରତିନିଧିମାନଙ୍କୁ ଯୋଗାଇ ଦିଆଯାଇଥିଲା ଓ ଏହା ବ୍ୟତୀତ ଯୁବ ଭୋଟର ମାନେ କିପରି ଅଧିକ ରୁ ଅଧିକ ଆବେଦନ କରିବେ ତାହା ରାଜନୈତିକ ଦଳ ମାନଙ୍କର ସହଯୋଗ ନିମନ୍ତେ ଅନୁରୋଧ କରାଯାଇଥିଲା ଓ ଏହି ସଭାରେ ବ୍ରହ୍ମପୁର ଉପଖଣ୍ଡର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନେ ଉପସ୍ଥିତ ରହି ରାଜନୈତିକ ଦଳ ଗୁଡିକର ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ କ୍ଷ ଏହି ସଭାରେ ସାନଖେମୁଣ୍ଡି ନିର୍ବାଚନ ଅଧିକାରୀ ଶ୍ରୀ ସୁନୀଲ କେରକେଟ୍ଟା, ଗୋପାଳପୁର ନିର୍ବାଚନ ଅଧିକାରୀ ଶ୍ରୀ ଅବିନାଶ କୁମାର , ଦିଗପହଣ୍ଡି ନିର୍ବାଚନ ଅଧିକାରୀ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା , ଚିକିଟି ନିର୍ବାଚନ ଅଧିକାରୀ ଶ୍ରୀମତୀ ରୀନା ନାୟକ ଏବଂ ବ୍ରହ୍ମପୁରର ଅତିରିକ୍ତ ନିର୍ବାଚନ ଅଧିକାରୀ ଉପସ୍ଥିତ ଥିଲେ କ୍ଷ ଏହି ସଭାରେ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟୀ କଲେକ୍ଟର, ନ୍ର୍ିାଚନ ବିଭାଗ, ଶ୍ରୀ ସୁବ୍ରତ ରାମ ବିରାମ ଶତପଥୀ ଓ ତାଙ୍କର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ ।

# ମଦ୍ୟପାନ ପରେ ବଚସା, ଠେଙ୍ଗା ମାଡ଼ରେ ଜଣଙ୍କ ମୃତ୍ୟୁ; ଅଭିଯୁକ୍ତ କୋର୍ଟ ଚାଲାଣ

ନୂଆପଡ଼ା(ନି.ପ୍ର.) ନୂଆପଡ଼ା ଜିଲ୍ଲାରେ ମଦ୍ୟପାନକୁ କେନ୍ଦ୍ର କରି ଘଟିଛି ଏକ ଦୁଃଖଦ ଘଟଣା । ସାମାନ୍ୟ ବଚସାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆସନ୍ତୁ ଦେଖିବା ସମ୍ପୂର୍ଣ୍ଣ ରିପୋର୍ଟ ।ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅନ୍ତର୍ଗତ କାଠଫେର ଗ୍ରାମର ଅକାଲୁ ପହରିଆ ଓ ରବି ପହରିଆ ଗତ ଅଗଷ୍ଟ ୩ ତାରିଖରେ ପରିବାର ସହ ବୋଡ଼େନ ଆସିଥିଲେ । ବ୍ୟାଙ୍କରେ ଆଧାର ଲିଙ୍କ କରିବା ପରେ ସନ୍ଧ୍ୟାରେ ଉଭୟେ ନିକଟସ୍ଥ ବାବେପଡ଼ା ଗ୍ରାମରେ ରହିଥିଲେ ।ସେଠାରେ ମଦ୍ୟପାନ କରିବା ପରେ କୌଣସି କଥାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଅଭିଯୋଗ ଅନୁଯାୟୀ, ରାଗିଯାଇ ରବି



ପହରିଆ ଠେଙ୍ଗାରେ ଅକାଲୁ ପହରିଆଙ୍କୁ ଆକ୍ରମଣ କରିଥିଲେ । ଭୟଭୀତ ହୋଇ ଅକାଲୁ ସେଠାରୁ ଦୌଡ଼ି ପଳାଇଥିବା ବେଳେ ଏକ ବୁଦା ନିକଟରେ ପଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଅଗଷ୍ଟ ୫ ତାରିଖରେ ପରିବାର ଲୋକେ ବୋଡ଼େନ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ତଦନ୍ତ ପରେ ଅଭିଯୁକ୍ତ ରବି ପହରିଆଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ଫ୍ୟାନରେ ଜୀବନ ହାରିଲେ ଯୁବକ

ସିମୁଳିଆ,(ନିପ୍ର)-ଦଧିବାମନପୁର ଗ୍ରାମର ଜୈନିକ ଯୁବକ ଫ୍ୟାନରେ ଶାଢି ଲଗାଇ ଜୀବନ ହାରିବା ଘଟଣା ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ କହ୍ନେଇବିନ୍ଧା ପଂଚାୟତର ଦଧିବାମନପୁର ଗ୍ରାମର ରମାକାନ୍ତ ସାହୁଙ୍କ ପୁଅ ରମେଶ (୨୨)ବର୍ଷ ଆଜି ଦ୍ୱିପହର ସମୟରେ କହ୍ନେଇବିନ୍ଧା ବଜାରରୁ ଘରକୁ ଫେରି ଖାଇ ସାରି ଶୋଇଥିଲେ କ୍ଷ ଘରେ ଥିବା ଛାତ ଫ୍ୟାନରେ ଶାଢି ଲଗାଇ ଓହଳି ପଡ଼ିଥିଲେ କ୍ଷ ପରିବାର ଲୋକେ ଖୋଜାଖୋଜି କରି ଝୁଲନ୍ତା ଅବସ୍ଥାରେ ରମେଶଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ କ୍ଷ ମାତ୍ର କାର୍ଯ୍ୟରତ ଡାକ୍ତର ତାକୁ ମୃତ ଘୋଷଣା କରିଛନ୍ତି କ୍ଷ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଖବର ପାଇ ସିମୁଳିଆ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

# ୨୦୨୭ ସମବାୟ ନିର୍ବାଚନ: ନୂଆ ଭୋଟରଙ୍କୁ ଯୋଡ଼ିବାକୁ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର (ନି.ପ୍ର ): ୨୦୨୭ ମସିହାରେ ରାଜ୍ୟର ସମସ୍ତ ସମବାୟ ସମିତିର ନିର୍ବାଚନ ହେବାକୁ ଯାଉଛି । ଏହି ନିର୍ବାଚନରେ ଯେପରି ଅଧିକ ସଂଖ୍ୟକ ନୂଆ ଭୋଟର ସାମିଲ ହୋଇପାରିବେ ସେ ନେଇ ପଦକ୍ଷେପ ନେବାକୁ ରାଜ୍ୟ ସମବାୟ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜଳେଶ୍ୱର ବ୍ଲକ୍ ରାମନଗର ପାଟଣା ସେବା ସମବାୟ ସମିତି ପରିଚାଳନା ପରିଷଦ ନିର୍ଦ୍ଦେଶକ ସୁବ୍ରତ ବେରା ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ; ୨୦୨୨ ମସିହାରେ ରାଜ୍ୟର ସମସ୍ତ ସମବାୟ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଏହାର କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାକୁ ଯାଉଛି । ପୁଣି ନୂଆ ସମିତି ଗଠନ ପାଇଁ ନିର୍ବାଚନ ହେବ । କିନ୍ତୁ ଅତୀତରେ ଅନୁଷ୍ଠିତ ସମସ୍ତ ନିର୍ବାଚନ ପ୍ରକ୍ରିୟାରେ ଅଧିକ ସଂଖ୍ୟକ ଯୋଗ୍ୟ ଭୋଟରଙ୍କୁ ସାମିଲ କରାଯିବା ପାଇଁ ବିଶେଷ ଭାବେ ପଦକ୍ଷେପ ନିଆଯାଇନାହିଁ । ବିଶେଷ କରି ଯୁବବର୍ଗ ସମବାୟ ସମିତି ନିର୍ବାଚନରୁ ଦୂରରେ ରହୁଛନ୍ତି । ତେଣୁ ନୂଆ ଭୋଟରଙ୍କୁ ଯୋଡ଼ିବାକୁ ସମବାୟ ବିଭାଗ ପଦକ୍ଷେପ ନେଉ ବୋଲି ଶ୍ରୀ ବେରା ଦାବି କରିଛନ୍ତି ।

# ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ମହା ଅଭିଯାନ କାର୍ଯ୍ୟକ୍ରମ

ଜଳେଶ୍ୱର(ନି.ପ୍ର ): ଜଳେଶ୍ୱର ମୁନସୀପାଲିଟିର ୬ ନ ୱାର୍ଡ ଦେଉଳୀ ପଂଚୁଘଂଟା ରେ ଅବସ୍ଥିତ ଦିଗମ୍ବରୀ ଦେବୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଜଳେଶ୍ୱର ପକ୍ଷରୁ ମିଳିତ ନିଶାମୁକ୍ତ ଭାରତ ମହା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଜଳେଶ୍ୱର ଶାଖା ର ସଂଯୋଜକ ବିଜୟ କୁମାର ଗିରି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଡଃ ଅଜିତ କୁମାର ମହାନ୍ତି, ବନମାଳୀ ଜେନା, ସୁକୁମାର ରଣା, ମାନସ କୁମାର ମାଇତି,ଅଧକ୍ଷ ପ୍ରକାଶ କୁମାର ଦିନ୍ଦା, ସ୍ୱରାଜ ଜେନା, ଚିନ୍ମୟ କୁମାର ରାଉଳ, ଜିତୁ ଦତ ,ସଞ୍ଜୟ କୁମାର ଦାସ, ରଶ୍ମି ରେଖା ମାଝୀ ପ୍ରମୁଖ ଯୋଗଦେଇ ପ୍ରତି ଜିଲ୍ଲା ରେ ଥିବା ବ୍ରହ୍ମ କୁମାରୀ ସେବା କେନ୍ଦ୍ର ମାଧ୍ୟମରେ ଅଗଷ୍ଟ ୬ ତାରିଖ ରୁ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କଲେଜ, ବିଦ୍ୟାଳୟ , କ୍ଲବ, ବିଭିନ୍ନ ଅନୁଷ୍ଠାନ, ନିଶା ନିବାରଣ କେନ୍ଦ୍ର, କାରାଗାର ଇତ୍ୟାଦି ସ୍ଥାନ ରେ ଏହି ନିଶା ମୁକ୍ତି ର ପ୍ରତିଜ୍ଞା ପାଠ କରାଇ ସୁସ୍ଥ ସମାଜ ଗଠନ କରିବାର ଲକ୍ଷ୍ୟ ରଖାଯାଇଛି ବେ ।ଲି କହିଥିଲେ । ଶେଷରେ ସଂପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ନାଟ୍ୟ ମହୋତ୍ସବ ଅବସର ରେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟସ୍ତରରେ ମୂକ ଓ ଏକକ ଅଭିନୟ ପ୍ରତିଯୋଗିତା



ବାରିପଦା(ନି.ପ୍ର.)ମୟୁରଭଞ୍ଜର ଅଗ୍ରଣୀ ନାଟ୍ୟସଂସ୍ଥା 'ଆମେ : ବାରିପଦା' ଦ୍ୱାରା ଆୟୋଜିତ ହବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ସ୍ଥାନୀୟ ଦାରଗାଡାହିସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉଚ୍ଚ ବିଦ୍ୟାଳୟସ୍ତରରେ ମୂକ ଅଭିନୟ , ଏକକ ଅଭିନୟ , ନୃତ୍ୟ ଓ ମଂଚ ସଂଚାଳନା ପ୍ରତିଯୋଗିତା ମାନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଭବ୍ୟ ଦିବସକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୌମ୍ୟ ଦାଶ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ପ୍ରତିଯୋଗିତାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ : ବାରିପଦାର ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା , ନାଟ୍ୟକାର ଓ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଚିନ୍ମୟ ଦାସ ପଟ୍ଟନାୟକ । ବିଚାରକ ମଣ୍ଡଳୀର ଆସନ ଅଳଙ୍କୃତ କରିଥିଲେ ସର୍ବଶ୍ରୀ ଜୟନ୍ତ ସେନାପତି ,ଡକ୍ଟର ପ୍ରକାଶ ଚନ୍ଦ୍ର ଦାଶ , ପ୍ରୟାସ ଶତପଥୀ , ପ୍ରଦୀପ ସରଘରିଆ, ସାଗରିକା ଦାସ , ରଜନୀ ବାରିକ , ସୁଧାମୟୀ ଦାସ , ଅନୁବାଳା ମହାନ୍ତି ଓ ଲିଟନ ପଟ୍ଟନାୟକ । ରାଜୀବ ପାତ୍ର ଓ ଅକ୍ଷୟ ପଣ୍ଡା ମଂଚ ପରିଚାଳନା କରିଥିବା ବେଳେ ସୁଜୟ ମହାନ୍ତି , ଉର୍ଜା ମହାନ୍ତି , କାକଳୀ ନନ୍ଦୀ , କ୍ରିଷ୍ଣା ସେଜପଡା , ଜ୍ୟୋତି ଓ ହିମାଂଶୁ ସହଯୋଗୀ ଥିଲେ । ବିଜେତା ମାନଙ୍କର ନାମ ଜାତୀୟ ନାଟ୍ୟ ମହୋତ୍ସବ ର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି ।

# ରୁଡୁଙ୍ଗା ବିଦ୍ୟାଳୟର ପ୍ରଥମ ଅଭିଭାବକ ବୈଠକ

ସିମୁଳିଆ,(ନିପ୍ର)-ରୁଡୁଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଭିଭାବକ ମାନଙ୍କୁ ନେଇ ସର୍ବ ସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି । ସଭାପତି ଭାବେ ମୋହନ ଗୋଛାୟତ ଓ ସମ୍ପାଦକ ଭାବେ ଶ୍ରୀମତୀ ସଂଯୁକ୍ତା ଦାସଙ୍କୁ ଚୟନ କରାଯାଇଛି ।ଆଜି ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ପ୍ରସାଦ ମୁର୍ମୁଙ୍କ ଅଧକ୍ଷତାରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ସଭା ପ୍ରାରମ୍ଭରେ ନବ ନିର୍ବାଚିତ ସଦସ୍ୟ ଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଏହି ବୈଠକରେ ପରିଚାଳନା କମିଟିର ସଦସ୍ୟ ସୁଦର୍ଶନ, ଅଶୋକ, ମାମିନା, ତୁଳସୀ,



ଅନ୍ନପୂର୍ଣ୍ଣା, ଅନିତା, ନାରାୟଣ, ଜୁଲି, ଯଶୋଧା , ରମାକାନ୍ତ, ଝରଣାଙ୍କ ସହ ଆଶାକର୍ମୀ ୱାର୍ଡ ମେମ୍ବର ଓ ସମସ୍ତ ଅଭିଭାବକ ଉପସ୍ଥିତ ଥିଲେ କ୍ଷ ନିଶା ନିବାରଣ,ବିଦ୍ୟାଳୟର ବିକାଶ ମୂଳକ କାର୍ଯ୍ୟପନ୍ଥା ସମ୍ପର୍କ ରେ ଆଲୋଚନା କରାଯାଇଥିଲା କ୍ଷ ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରା ଯାଇଥିଲା କ୍ଷ ଜଣେ ସମାଜ ସେବୀଙ୍କୁ ସଭାପତି ଭାବେ ପାଇଁ ଅଭିଭାବକ ମାନେ ଖୁସି ଜାହୀର କରିଥିଲେ କ୍ଷ ଶେଷରେ ଶିକ୍ଷୟତ୍ରୀ ରେଣୁବାଳା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ଓ.ପି. ଜିନ୍ଦଲଙ୍କ ୯୬ତମ ଜନ୍ମ ବାର୍ଷିକୀ ପାଳିତ

ଅନୁଗୋଳ, (ନି.ପ୍ର.): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଶ୍ରୀ ଓ.ପି. ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜନ୍ମ ବାର୍ଷିକୀ ଅନୁଗୋଳରେ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣ କାର୍ଯ୍ୟକ୍ରମ ସହ ପାଳିତ ହୋଇଯାଇଛି । ଏହି ଅବସରରେ ଓ.ପି. ଜିନ୍ଦଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେ[- ୨୦୨୬ର ଶୁଭାରମ୍ଭ ହୋଇଛି ।ସମାବେଶକୁ ସମ୍ବୋଧିତ କରି ଜିନ୍ଦଲ ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭି.ଆର୍. ଶର୍ମା ଭାରତୀୟ ଇସ୍ପାତ ଶିଳ୍ପରେ ଶ୍ରୀ ଓ.ପି. ଜିନ୍ଦଲଙ୍କ ଅବଦାନକୁ ମନେପକାଇ ଥିଲେ । ସେ କହିଥିଲେ, ପାଇପ୍? ନିର୍ମାଣରୁ ବାଉଜୀ ତାଙ୍କ ଶିଳ୍ପ ଯାତ୍ରା ଆରମ୍ଭ କରିଥିଲେ । ପରେ ଏହା ଏକ ବୃହତ୍ ଇସ୍ପାତ ଉଦ୍ୟୋଗର ରୂପ ନେଇଥିଲା । ପରିବାରର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ସେ ବ୍ୟବସାୟରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ ।ଶ୍ରୀ ଶର୍ମା କହିଥିଲେ, "ବାଉଜୀଙ୍କ ଜୀବନଯାତ୍ରା ଭାରତର ଶିଳ୍ପ ଇତିହାସର ଏକ ପ୍ରେରଣାଦାୟକ ଅଧ୍ୟାୟ । ପାଇପ୍? ନିର୍ମାଣରୁ ଆରମ୍ଭ କରି ସେ ରାଷ୍ଟ୍ର ନିର୍ମାଣ ଓ ରୋଜଗାର ସୃଷ୍ଟିକୁ ପ୍ରାଥମିକତା ଦେଇ ଏକ ବୃହତ୍? ଇସ୍ପାତ ଉଦ୍ୟୋଗ ଗଢ଼ିଥିଲେ ।"ସେ କହିଥିଲେ, ଆଜି ଓ.ପି. ଜିନ୍ଦଲ




ଗ୍ରୁପ୍? ୫୦ ମିଲିୟନ ଟନ୍‌ରୁ ଅଧିକ ଇସ୍ପାତ ଉତ୍ପାଦନ କରୁଛି । ଭାରତ ଓ ବିଦେଶରେ ପ୍ରାୟ ୨ ମିଲିୟନ ଲୋକଙ୍କୁ ଏହା ରୋଜଗାର ଯୋଗାଇ ଦେଉଛି ।ଜିନ୍ଦଲ ଷ୍ଟିଲ ଅନୁଗୋଳର ଆଇରନ୍? ଜୋନ୍?ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତଲ, ଓ.ପି. ଜିନ୍ଦଲଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ପ୍ରକାଶ କରିଥିଲେ । ସେ କହିଥିଲେ, ସ୍ୱଦେଶୀ ସମ୍ପଦର ଉପଯୋଗ ଓ ଉତମମାନର ଇସ୍ପାତ ଉତ୍ପାଦନ ମାଧ୍ୟମରେ ଆତ୍ମନିର୍ଭର ଭାରତ ଗଠନ ବାଉଜୀଙ୍କ ଦୂରଦୃଷ୍ଟି ଥିଲା ।"ବାଉଜୀ ବିଶ୍ୱାସ କରୁଥିଲେ ଯେ, ଶିଳ୍ପର ବିକାଶ ସହ ସ୍ଥାନୀୟ ସମୁଦାୟର ବିକାଶ ମଧ୍ୟ ଜରୁରୀ । ତାଙ୍କ ଚିନ୍ତାଧାରା ଓ ମୂଲ୍ୟବୋଧକୁ ଆମେ, ଆମ କାର୍ଯ୍ୟ ମାଧ୍ୟମରେ ଆଗେଇ ନେବାକୁ ପ୍ରତିବଦ୍ଧ' । କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଅନୁଗୋଳର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଲୋକେସନ୍ ହେଡ୍ ଶ୍ରୀ ପି.କେ. ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ ) ଶ୍ରୀ ହୃଦେଶ୍ୱର ଝା, ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ସମେତ ବହୁ ଗଣମାନ୍ୟ ବ୍ୟକ୍ତି ଓ ସମୁଦାୟର ପ୍ରତିନିଧି ଉପସ୍ଥିତ ଥିଲେ । ସମସ୍ତେ ବାଉଜୀଙ୍କ ମୂଲ୍ୟବୋଧକୁ ଆଗେଇ ନେବା ସହ ରାଷ୍ଟ୍ର ନିର୍ମାଣର ତାଙ୍କ ଦୃଷ୍ଟିକୋଣକୁ ସାକାର କରିବା ପାଇଁ ସଂକଳ୍ପ ନେଇଥିଲେ । ଏହି ଅବସରରେ ଓ.ପି. ଜିନ୍ଦଲ ଫୁଟବଲ ଟୁର୍ଣ୍ଣାମେ[- ୨୦୨୬ର ମଧ୍ୟ ଶୁଭାରମ୍ଭ ହୋଇଥିଲା । ଏହି ଟୁର୍ଣ୍ଣାମେ[ରେ ଓଡ଼ିଶାର ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଉଦଘାଟନି ମ୍ୟାଚରେ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ୍) ତଥା ଆଇଏଏସ୍ ଅଧିକାରୀ ଡ. ସଞ୍ଜୟ ସ୍ୱାଇଁ, ଅନୁଗୋଳ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଅକ୍ଷୟ ସେଠଙ୍କ ଉପସ୍ଥିତ ରହି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ ।ଉଦ୍?ଘାଟନୀ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର ଉପ-ସଭାପତି (ଏଚଆର୍ ଆଣ୍ଡ ଇଏସ) ଶ୍ରୀ କ୍ଷୀରୋଦ କୁମାର ବାରିକ, ଜିଏମ୍-ସିଏସ୍ଆର ଶ୍ରୀ ଜୟନ୍ତ ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀ ଓ ଅତିଥି ଉପସ୍ଥିତ ଥିଲେ । ଫାଇନାଲ ମ୍ୟାଚ୍? ଅଗଷ୍ଟ ୧୮ରେ ଖେଳାଯିବ ।ଜନ୍ମ ବାର୍ଷିକୀ ଅବସରରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ବୃଦ୍ଧାଶ୍ରମ, ନିରାଶ୍ରୟ ମହିଳାଶ୍ରମ ଏବଂ ଦୃଷ୍ଟିବାଧିତଙ୍କ ପାଇଁ କାର୍ଯ୍ୟରତ ସଂସ୍ଥାକୁ ଶୁଖିଲା ରାସନ ବ[ନ କରାଯାଇଥିଲା । ଅନୁଗୋଳ ଜିଲ୍ଲାର ବିଭିନ୍ନ ଗୋଶାଳାକୁ ଗୋଖାଦ୍ୟ ମଧ୍ୟ ଯୋଗାଇ ଦିଆଯାଇଥିଲା । ଏହାବ୍ୟତୀତ ଓ.ପି. ଜିନ୍ଦଲ ସ୍କୁଲ, ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲ, ନବୀନ ଜିନ୍ଦଲ ସ୍କିଲ୍ ସେ[ର, ଶ୍ରମବୀର ପ୍ୟାଲେସ୍ ସମେତ ବିଭିନ୍ନ ସ୍ଥାନରେ ମଧ୍ୟ ଜନ୍ମ ବାର୍ଷିକୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଶ୍ରୀ ଓ.ପି. ଜିନ୍ଦଲଙ୍କ ଜୀବନ, ଆଦର୍ଶ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା ।

# ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନୀଳଗିରି,(ନି.ପ୍ର) ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଉପଖଣ୍ଡ ସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ତଥା ପାଳନ କମିଟି ଅଧ୍ୟକ୍ଷ ଶୁଭଶ୍ରୀ ରଥ ଅଧ୍ୟକ୍ଷତା କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ବିଗତ ବର୍ଷର ବିବରଣୀ ପାଠ କରିଥିଲେ ।ଏହି ମହାନ ଐତିହାସିକ ଜାତୀୟ ଦିବସ ପାଳନ ଅବସରରେ ଉପଜିଲ୍ଲାପାଳ ତଥା ଅଧକ୍ଷ ଶୁଭଶ୍ରୀ ରଥ ଉପସ୍ଥିତ ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କ ସହଯୋଗ କାମନା କରିବା ସହ ବିବରଣୀ ଅନୁସାରେ ଆଲୋଚନା ଏବଂ ପରାମର୍ଶ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଗଲା ।ଏହି ଜାତୀୟ ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷ ୪ଘଟିକାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରାଂଚଳରେ ଡାକ ବାଜି ଯନ୍ତ୍ର ଯୋଗେ ରାମଧୂନ୍ ପ୍ରଚାର



କରାଯିବ ।ସକାଳ ୬ ଟା -୭ ଟା ସମୟ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ଘ. ୭.୩୦ମି.ମଧ୍ୟରେ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ,ବାସଭବନ ମାନଙ୍କରେ ପତାକା ଉତଲୋନ କରାଯିବାପାଇଁ ସ୍ଥିର କରାଗଲା ଏବଂ ଏହି ଜାତୀୟ ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ଦିବସର ମୁଖ୍ୟ ଅତିଥି ସକାଳ ଘ.୯.୧୫ମି.ସମୟରେ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତଲୋନ କରିବେ । ଏହି ଜାତୀୟ ପତାକା ଉତଲୋନ ସମୟରେ ରାଷ୍ଟ୍ରୀୟ ସଙ୍ଗୀତ ଏବଂ ଜାତୀୟ ସଙ୍ଗୀତ ପରିବେଷଣ ପରେ ମୁଖ୍ୟ ଅତିଥି ବିଭିନ୍ନ ବିଦ୍ୟାଳୟର ସିଭିଲିଆନ ଅଣ ସିଭିଲିଆନ ପରେଡ ଦଳ ପରିଦର୍ଶନ ସମାପନ ପରେ ସମବେତ ଜନତାଙ୍କୁ ଉଦବୋଧନ ଦେବେ ।ଏହି ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବିଦ୍ୟାଳୟ/ ମହାବିଦ୍ୟାଳୟ ସ୍ତର ଆଦି ୪ଗୋଟି ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ,ଉପଖଣ୍ଡରେ ଗତ ମାଧ୍ୟମିକ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଥିବା ଛାତ୍ର ଛାତ୍ରୀ,ଆଦିବାସୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଜଣକୁ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀଙ୍କୁ ପି.ଏ. ଆଇ. ଟି. ଡି.ଏ.ଙ୍କ ତରଫରୁ,ଶ୍ରେଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ,କୃଷକ, ଅଙ୍ଗନୱାଡି କର୍ମୀ,ନୀଳଗିରି ଉପଖଣ୍ଡର ଶ୍ରେଷ୍ଠ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତି ହୋଇଛି । ଏତଦ୍ ଭିନ୍ନ ପରେଡରେ ଉତ୍କୃଷ୍ଟ ପ୍ରଦର୍ଶନକାରି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଶିଏଲ୍ଡ,ଟ୍ରଫି,କପ୍ ରେ ପୁରସ୍କୃତ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି । ପରେ ପରେ ଦିବସ ବ୍ୟାପି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଠାରେ ଚିକିତ୍ସିତ ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ଏବଂ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ ବ[ନ କରାଯିବା ପାଇଁ ନିଷ୍ପତି ହୋଇଛି । ଆଜିର ଏହି ମହାନ ଐତିହାସିକ ଜାତୀୟ ଦିବସ ପାଳନ ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା ସମେତ ନୀଳଗିରି ସହରାଂଚଳର ବୁଦ୍ଧିଜୀବି, ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଲୋକ ପ୍ରତିନିଧି, ପୂର୍ବତନ ଲୋକ ପ୍ରତିନିଧି, ବିଭିନ୍ନ ସଂଗଠନର କର୍ମକର୍ତା,ସମାଜସେବୀ, ବିଭିନ୍ନ ବିଭାଗୀୟ ପଦାଧିକାରୀ,ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତା ଓ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଏବଂ ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ପରିଡ଼ା ଉପସ୍ଥିତ ସମସ୍ତ ସଦସ୍ୟା /ସଦସ୍ୟ ମାନଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।





## ଆସନ୍ତା ସୋମବାର ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଭୁବନେଶ୍ୱର : ଆସନ୍ତା ସୋମବାର ଅଗଷ୍ଟ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ



କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।



'ସମୀକ୍ଷା' ଖବରକାଗଜର ବିଂଶତମ ସ୍ୱନକ୍ଷତ୍ର ସମାରୋହରେ ସମ୍ବର୍ଦ୍ଧିତ ହେଲେ କିଶୋର ଦ୍ୱିବେଦୀ ।








## ଦୁଇଦିନିଆ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଗସ୍ତ କରିବେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକ୍ରିଷ୍ଣନ ଅଗଷ୍ଟ ୮ ଏବଂ ୯ ତାରିଖରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ଦୁଇ ଦିନିଆ ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ସେ ବିଜୟପୁରମରେ ସେଲୁଲାର ଜେଲ୍ ଜାତୀୟ ସ୍ମାରକୀରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଏବଂ 'ହର ଘର ତିରଙ୍ଗା' ଅଭିଯାନ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଉପରାଷ୍ଟ୍ରପତିଙ୍କ ସଚିବାଳୟ ଅନୁଯାୟୀ, ଉପରାଷ୍ଟ୍ରପତି ଅଗଷ୍ଟ ୮ ତାରିଖରେ ଶ୍ରୀ ବିଜୟପୁରମରେ ସେଲୁଲାର ଜେଲ୍ ଜାତୀୟ ସ୍ମାରକୀ ପରିଦର୍ଶନ କରିବେ, ଯେଉଁଠାରେ ସେ ସହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ, ଫ୍ରିଡମ୍ ଫ୍ଲେମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ଏବଂ ବୀର ସାବରକରଙ୍କ କୋଠରୀ ପରିଦର୍ଶନ କରିବେ । ଏହାପରେ ସେ ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ସାହସୀ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଉପରେ ଆଧାରିତ ଏକ ଲାଇଟ ଆଣ୍ଡ ସାଉଣ୍ଡ ଶୋ ଦେଖିବେ । ଗସ୍ତର ଦ୍ୱିତୀୟ ଦିନରେ ଅଗଷ୍ଟ ୯ ତାରିଖରେ ଉପରାଷ୍ଟ୍ରପତି ଶ୍ରୀ ବିଜୟପୁରମର ଫ୍ଲାଗ୍ ପଏଂଟରେ ଜାତୀୟ ପତାକା ଉତୋଳନ କରି 'ହର ଘର ତିରଙ୍ଗା 'ଅଭିଯାନରେ ଅଂଶଗ୍ରହଣ କରିବେ । ଏହାପରେ ସେ ଡ. ବି. ଆର.ଆମ୍ବେଦକର ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଡିବିଆରଏଆଇଟି) ର ଅଡିଟୋରିୟମରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ 'ବନ୍ଦେ ମାତରମ୍ ଉପରେ ତିରଙ୍ଗା କନସର୍ଟ 'ରେ ଯୋଗଦେବେ । ଅପରାହ୍ନରେ ଉପରାଷ୍ଟ୍ରପତି ଐତିହାସିକ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ମଧ୍ୟ ପରିଦର୍ଶନ କରିବେ ।

## ସୁଭାଷିତରେ ସଜ୍ଜନମାନଙ୍କୁ ଚନ୍ଦ୍ର ଭଳି ବର୍ଣ୍ଣନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ସବୁଦିନ ପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ସଜ୍ଜନଙ୍କୁ ଚନ୍ଦ୍ର ସହିତ ତୁଳନା କରିଛନ୍ତି । ସେ ଚନ୍ଦ୍ର ଏବଂ କୋମଳ ହୃଦୟର ଗୁଣ ବିଷୟରେ ହେଉଛି, 'ଚନ୍ଦ୍ର କୌଣସି ପାରସ୍ପରିକ ଇଚ୍ଛାରୁ କୁମୁଦନୀକୁ ଏହାର କିରଣ ଦ୍ୱାରା ଆଲୋକିତ କରେ ନାହିଁ' । କିନ୍ତୁ ଏହା ତାଙ୍କର ସ୍ୱଭାବ । ସେହିପରି, ସମ୍ଭ୍ରାନ୍ତ ଏବଂ ଉଦାର ଭଦ୍ର ବ୍ୟକ୍ତିମାନେ କୌଣସି ସ୍ୱାର୍ଥପରତା କିମ୍ବା ଆଶା ବିନା



ମଧ୍ୟ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ 'କ୍ୱିନ୍ ଚନ୍ଦ୍ରମ୍ ':' ପ୍ରତ୍ୟୁପକାରଲିପ୍ସ୍ୟା କରାତି ଗୋବି: କୁମୁଦବୋଧାନମ୍' ବାର୍ତ୍ତା ସେୟାର କରିଥିଲେ । ପ୍ରକୃତି ହେଉଛି ପରୋପକାରୀ, ଏବଂ ଦାନ ହେଉଛି ଜୀବନର ସାର । ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ୍ସ ହ୍ୟାଣ୍ଡେଲର ଅନୁବାଦ ଅନ୍ୟମାନଙ୍କ ପ୍ରତି ଭଲ କରନ୍ତି, କାରଣ ସେମାନଙ୍କ ସ୍ୱଭାବରେ ପରୋପକାର ରହିଛି । ସୁଭାଷିତମ୍ ଭାବରେ ଅଂଶୀଦାର ହୋଇଥିବା ଏହି ପଦଟି ମହାନ କବି ଭବଭୂତିଙ୍କ ଦ୍ୱାରା । ଏହା ରସିକାଲକ୍ଷଣ ଅର୍ଥାତ୍ ରସିକାଜୀବନ, ଶଙ୍ଗଧରପ୍ରଧନ୍ତୀ ଏବଂ ସୁଭାଶିତରନ୍ ଭଣ୍ଡାରମରେ ଉଲ୍ଲେଖ କରାଯାଇଛି ।

## ସୀମାପାର ଆତଙ୍କବାଦ ବନ୍ଦ ହେଲେ ହିଁ ପାକିସ୍ତାନ ସହ ଦ୍ୱିପାକ୍ଷିକ ସମ୍ପର୍କ ସମ୍ଭବ: ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ସରକାର ଶୁକ୍ରବାର ଲୋକସଭାରେ କହିଛନ୍ତି ଯେ ପାକିସ୍ତାନ ସହିତ ସାଧାରଣ ଦ୍ୱିପାକ୍ଷିକ ସମ୍ପର୍କ କେବଳ ସେତେବେଳେ ସମ୍ଭବ ଯେତେବେଳେ ଏହା ସୀମାପାର ଆତଙ୍କବାଦ, ଶତ୍ରୁତା ଏବଂ ହିଂସାରୁ ମୁକ୍ତ ପରିବେଶ ସୁନିଶ୍ଚିତ କରିବ । ସରକାର ସ୍ପଷ୍ଟ କରିଛନ୍ତି ଯେ ସୀମାପାର ଆତଙ୍କବାଦ ଏବଂ ଏହାର ଭିତିଭୂମିକୁ ସମାପ୍ତ କରିବା ହେଉଛି ଭାରତର ସ୍ପଷ୍ଟ ଏବଂ ଅତୁଟ ନୀତି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଯେ ପାକିସ୍ତାନ ସହିତ ଭାରତର ସମ୍ପର୍କ କେବଳ ଆତଙ୍କବାଦ, ଶତ୍ରୁତା ଏବଂ ହିଂସାରୁ ମୁକ୍ତ ବାତାବରଣରେ ଆଗକୁ ବଢ଼ିପାରିବ । ତଥାପି, ପାକିସ୍ତାନ-ପ୍ରାୟୋଜିତ ସୀମାପାର ଆତଙ୍କବାଦ ଏବେବି ଜାରି ରହିଛି ଏବଂ ଆତଙ୍କବାଦକୁ ଭାରତ ବିରୋଧରେ ଏକ ସରକାରୀ ନୀତି ଭାବେ ବ୍ୟବହାର କରାଯାଉଛି । ସରକାର କହିଛନ୍ତି ଯେ ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନକୁ ଦିଆଯାଇଥିବା



ମୋଷ୍ଟ ଫେଭରଡ୍ ନେସନ୍ (ଏମ୍ଏଫ୍ଏନ୍) ମାନ୍ୟତା ପ୍ରତ୍ୟାହାର କରିନେଇଛି ଏବଂ ପାକିସ୍ତାନରୁ ଆମଦାନୀ ହେଉଥିବା ସମସ୍ତ ସାମଗ୍ରୀ ଉପରେ ସୀମା ଶୁଳ୍କକୁ ୨୦୦ ପ୍ରତିଶତକୁ ବୃଦ୍ଧି କରିଛି । ପରବର୍ତ୍ତୀ ସମୟରେ, ପାକିସ୍ତାନ ମଧ୍ୟ ଭାରତ ସହିତ କୂଟନୈତିକ ସମ୍ପର୍କକୁ ହ୍ରାସ କରିବା ଏବଂ ଦ୍ୱିପାକ୍ଷିକ ବାଣିଜ୍ୟକୁ ସ୍ଥଗିତ ରଖିବା ଭଳି ଏକତରଫା ପଦକ୍ଷେପ ନେଇଥିଲା । ଉତରରେ କୁହାଯାଇଛି ଯେ ୨୨ ଏପ୍ରିଲ ୨୦୨୫ ରେ ପାକିସ୍ତାନ ପ୍ରାୟୋଜିତ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅନେକ କୂଟନୈତିକ ପଦକ୍ଷେପ ନେଇଥିଲା । ଏଥିରେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା, ଅଟାରୀରେ ଥିବା ଚେକ ପୋଷ୍ଟକୁ ବନ୍ଦ କରିବା, ଭିସା ସେବା ବନ୍ଦ କରିବା ଏବଂ ଦୁଇ ଦେଶର କୂଟନୈତିକ ମିଶନରେ ଅଧିକାରୀଙ୍କ ସଂଖ୍ୟା ହ୍ରାସ କରିବା ଅନ୍ତର୍ଭୁକ୍ତ । ଏହା ସହିତ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ ଜାମ୍ମୁ କାଶ୍ମୀର (ପିଓକେ) ରେ ଅବସ୍ଥିତ ଆତଙ୍କବାଦୀ ଘାଟିଗୁଡ଼ିକ ବିରୋଧରେ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ସରକାର ଦର୍ଶାଇଛନ୍ତି ଯେ ଉଭୟ ଦେଶର ବର୍ତ୍ତମାନ ପରସ୍ପରର ରାଜଧାନୀରେ ସୀମିତ ସଂଖ୍ୟକ କୂଟନୈତିକ ମିଶନ କାର୍ଯ୍ୟ କରୁଛି । ଦୁଇ ଦେଶ ମଧ୍ୟରେ କେବଳ ଆବଶ୍ୟକ କାର୍ଯ୍ୟକ୍ଷମ ସମ୍ପର୍କ ଜାରି ରହିଛି, ଯେଉଁଥିରେ ମହାନିର୍ଦ୍ଦେଶକ ସାମରିକ ଅପରେସନ (ଡିଜିଏମଓ) ସ୍ତରୀୟ ଆଲୋଚନା, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା ଉପରେ ପୂର୍ବ ସୂଚନା ବିନିମୟ, ଆଣବିକ ପ୍ରତିଷ୍ଠାନଗୁଡ଼ିକର ତାଲିକା ବିନିମୟ ଏବଂ ମତ୍ସ୍ୟଜୀବୀ ଏବଂ ନାଗରିକ କଏଦୀଙ୍କ ବିଷୟରେ ସୂଚନା ବାଂଟିବା ଅନ୍ତର୍ଭୁକ୍ତ । ସରକାର କହିଛନ୍ତି ଯେ ସୀମାପାର ଆତଙ୍କବାଦ ଏବଂ ଏହା ସହ ଜଡ଼ିତ ଭିତିଭୂମି ପ୍ରତି ଭାରତ ନିଜର ନୀତି ସ୍ପଷ୍ଟ କରିଛି ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଛି । ସ୍ୱାଭାବିକ ଦ୍ୱିପାକ୍ଷିକ ସମ୍ପର୍କର ପୁନରୁଦ୍ଧାର ପାଇଁ ସୀମାପାର ଆତଙ୍କବାଦର ସମ୍ପୂର୍ଣ୍ଣ ସମାପ୍ତି ଅନିବାର୍ଯ୍ୟ ବୋଲି ସରକାର କହିଛନ୍ତି ।

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ଟଙ୍କା : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ପାଇଁ ଆସିଛି ବଡ଼ ଖୁସି ଖବର । ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ଟଙ୍କା ପ୍ରଦାନ କରାଯିବ । ଏଥିସହ ୨୫ ଜୁଲାଇ ସୁଦ୍ଧା ଯେଉଁ ଆବେଦନଗୁଡ଼ିକର ନାମ ଜିଲ୍ଲା ସ୍ତରରୁ ଚୂଡ଼ାନ୍ତ ତାଲିକାରେ ଆସିଥିବ, ସେହି ଯୋଗ୍ୟ ହିତାଧିକାରୀମାନେ ମଧ୍ୟ ଏହି ପର୍ଯ୍ୟାୟରେ ଆର୍ଥିକ ସହାୟତା ପାଇବେ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ୨୫ ଜୁଲାଇ ସୁଦ୍ଧା ଜିଲ୍ଲା ସ୍ତରରୁ ଯେଉଁ ନାମଗୁଡ଼ିକ ଅନୁମୋଦନ ପାଇ ସରକାରଙ୍କ ନିକଟକୁ ପହଂଚିଥିବ, ସେହି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ରାକ୍ଷୀ ପୂର୍ଣ୍ଣିମା ଅବସରରେ



ସିଧାସଳଖ ଟଙ୍କା ପଠାଯିବ । ଏହା ଫଳରେ ଅପେକ୍ଷାରେ ଥିବା ଅନେକ ମହିଳା ଉପକୃତ ହେବେ । ସୁଭଦ୍ରା ଯୋଜନା ଓଡ଼ିଶା ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ମହିଳା କଲ୍ୟାଣ ଯୋଜନା । ଏହା ମାଧ୍ୟମରେ ଯୋଗ୍ୟ ମହିଳାମାନଙ୍କୁ ପର୍ଯ୍ୟାୟକ୍ରମେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି, ଯାହା ସେମାନଙ୍କ ଆର୍ଥିକ ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାକୁ ବୃଦ୍ଧି କରିବାରେ ସହାୟକ ହେଉଛି । ଏହି ଯୋଜନାରେ ଯୋଗ୍ୟ ମହିଳାମାନଙ୍କୁ ପ୍ରତିବର୍ଷ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ମୋଟ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି । ପ୍ରତିବର୍ଷ ପ୍ରଥମକିସ୍ତି ରକ୍ଷାବନ୍ଧନ ଦିବସରେ ଓ ଦ୍ୱିତୀୟ କିସ୍ତି ଆନ୍ତର୍ଜାତୀୟ ମହିଳା ଦିବସରେ ପ୍ରଦାନ କରାଯାଉଛି ।

## ବଲାଙ୍ଗୀରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ବଲାଙ୍ଗୀର : ଆଜି ବଲାଙ୍ଗୀରରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ । ବଲାଙ୍ଗୀରଜିଲ୍ଲା ପାଇଁ ପାଟଣା ମହାରାଜାଙ୍କ ଶୈଳଶ୍ରୀ ପ୍ୟାଲେସରୁ ପ୍ରକାଶ ପାଇଛି ନୂଆଁଖାଇ



ଲଗ୍ନ । ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ସକାଳ ୯ଟା ୩୬ ମିନିଟରୁ ୧୦ଟା ୧୦ ମିନିଟ ଯାଏଁ ରହିଛି ଅମୃତ ବେଳା । ଆସନ୍ତା ଭାଦ୍ରବ ଶୁକ୍ଳ ପଂଚମୀ ତିଥି ସେପ୍ଟେମ୍ବର ୧୫ ତାରିଖ ମଙ୍ଗଳବାର ସକାଳ ୯ଟା ୩୬ ମିନିଟରୁ ଦିନ ୧୦ଟା ୧୦ ମିନିଟରେ ମଧ୍ୟରେ ମାଆ ପାଟଣେଶ୍ୱରୀ,ମାଆ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗିହେବ । ପରେ ବଲାଙ୍ଗୀର ଜିଲ୍ଲାର ଲୋକେ ନୂଆ ଖାଇବେ ବୋଲି ରାଜ ପୁରୋହିତ ସନ୍ତୋଷ କୁମାର ଦାସ ସୂଚନା ଦେଇଛନ୍ତି । ଏନେଇ ଶୈଳଶ୍ରୀ ପ୍ୟାଲେସରେ ଜ୍ୟୋତିର୍ବିଦ ଓ ପଣ୍ଡିତ ମହାସଭାର ସଦସ୍ୟଙ୍କୁ ନେଇ ଲଗ୍ନ ସ୍ଥିର କରାଯାଇଛି । କହି ରଖୁଛୁ କି, ନୂଆଁଖାଇ ଏକ ଗଣପର୍ବ । ଗ୍ରାମ ବା ସହରର ପଡ଼ା ଅଂଚଳରେ ନୂଆଖାଇ ଦିନ ନବାନ୍ନ ଦେଇ ପୂଜା ବିଧି ସମାପ୍ତ ହେବା ପରେ ପରିବାରର ମୁଖିଆଙ୍କ ହାତରୁ ସମସ୍ତେ ନବାନ୍ନ ଭୋଗ ଗ୍ରହଣ କରନ୍ତି । ତାହା ଖାଇ ସାରି ପରିବାରର ସମସ୍ତ ବ୍ୟକ୍ତି ନିଜର ବୟସ୍କମାନଙ୍କୁ ଭୂମିଷ୍ଠ ପ୍ରଣାମ ସହ ଆଶୀର୍ବାଦ ଗ୍ରହଣ କରନ୍ତି । ପରେ ପିଠା ପଣା ସହ ନବାନ୍ନ ଭୋଜି ଖାଇ ସାରି ଗ୍ରାମ ବା ପଡ଼ୋଶୀରେ ଥିବା ସମସ୍ତ ବୟୋଜ୍ୟେଷ୍ଠ ମାନଙ୍କୁ ଭେଟି ପ୍ରଣାମ କରିଥାନ୍ତି । ଏହି ସମୟରେ ଗ୍ରାମ ବା ପଡ଼ାର ଲୋକମାନେ ନିଜ ଭିତରେ ପୂର୍ବରୁ ଥିବା ଭେଦ ଭାବ ଭୁଲି ଯାଆନ୍ତି । ପରିବାରମଧ୍ୟରେ ଥିବା ମତଭେଦ ମଧ୍ୟ ଏହି ସମୟରେ ସମାଧାନ ହୋଇଥାଏ । ସମସ୍ତେ ପୁଣି ଏକଜୁଟ ହୋଇ ରହନ୍ତି । ଏହା ନୂଆଖାଇ ପର୍ବର ଏକ ବିଶେଷତା ।

## ଗାଡ଼ିର ବୀମା ନଥିଲେ ମିଳିବନି ପେଟ୍ରୋଲ୍ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର : ବିନା ଇନ୍ସୁରାନ୍ସରେ ଗାଡ଼ି ଚଲାଉଥିବା ଅମାନିଆ ଚାଳକଙ୍କ ପାଇଁ ଏବେ ଆସିଛି ଏକ ବଡ଼ ଖବର । ସଡ଼କ ସୁରକ୍ଷାକୁ କଡ଼ାକଡ଼ି କରିବା ଉଦ୍ଦେଶ୍ୟରେ ସୁପ୍ରିମକୋର୍ଟ ନିକଟରେ 'ବୀମା ନାହିଁ ତ ପେଟ୍ରୋଲ ନାହିଁ' ନିୟମ ଲାଗୁ କରିବା ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଆସିବା ପରେ ଓଡ଼ିଶାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁହଁ ଖୋଲିବା ସହ ଏନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ଏହି ରାୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ରାଜ୍ୟ ତଥା ଦେଶରେ ଏବେ ଲକ୍ଷ ଲକ୍ଷ ଗାଡ଼ି ବିନା ବୀମାରେ ରାସ୍ତାରେ ବେଧଡ଼କ ବୁଲୁଛି । ଦୁର୍ଘଟଣା ସମୟରେ ଉପଯୁକ୍ତ ବୀମା ନଥିବା କାରଣରୁ ମୃତାହତଙ୍କ ପରିବାର ଲୋକେ କ୍ଷତିପୂରଣ ପାଇବାରୁ ବଂଚିତ ହେଉଛନ୍ତି କିମ୍ବା ଆଇନଗତ ଲଢ଼େଇରେ ବହୁ ହଇରାଣ



ହେଉଛନ୍ତି । ତେଣୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଏବଂ ବୀମା ନିୟାମକ କର୍ତ୍ତୃପକ୍ଷ ପକ୍ଷରୁ ଯେଉଁ ନୂତନ ଏସଓପି ବା ଗାଇଡଲାଇନ୍ ପ୍ରସ୍ତୁତ କରାଯିବ, ତାହାକୁ ଆଧାର କରି ଓଡ଼ିଶାରେ ମଧ୍ୟ ଏହି ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ଦିନ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିଥିଲେ ଯେ ଦେଶରେ ଚାଲୁଥିବା ପ୍ରାୟ ୫୬ ପ୍ରତିଶତ ଗାଡ଼ିର ବାଧ୍ୟତାମୂଳକ 'ଥାର୍ଡ-ପାର୍ଟି ଇନ୍ସୁରାନ୍ସ' ନାହିଁ । ଏହି ଖିଲାପିକୁ ରୋକିବା ପାଇଁ ରାଜପଥ ଏବଂ ସହରାଂଚଳରେ ଲାଗିଥିବା ସ୍ମାର୍ଟ ଏଏନପିଆର କ୍ୟାମେରାକୁ ବୀମା ଡାଟାବେସ୍ ଏବଂ ସରକାରୀ 'ବାହାନ' ପୋର୍ଟାଲ ସହ ସିଧାସଳଖ ସଂଯୋଗ କରାଯିବ । ଏହାଦ୍ୱାରା ବୀମା ନଥିବା ଗାଡ଼ି ରାସ୍ତାକୁ ବାହାରିଲେ ସ୍ୱୟଂଚାଳିତ ଭାବେ ଇ-ଚାଲାଣ କଟିଯିବ । ଏହା ସହିତ ଏକ ପାଇଲଟ୍ ପ୍ରୋଜେକ୍ଟ ଜରିଆରେ ପେଟ୍ରୋଲ ପମ୍ପଗୁଡ଼ିକରେ ବୀମାବିହୀନ ଗାଡ଼ିକୁ ଇନ୍ଧନ ନଦେବା ପାଇଁ ବ୍ୟବସ୍ଥା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ରାଜ୍ୟରେ ୫ଦିନ ବର୍ଷା ସମ୍ଭାବନା

ଭୁବନେଶ୍ୱର ଆଗାମୀ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଶୁକ୍ରବାର ଦିନ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ସକ୍ରିୟ



ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବଜ୍ରପାତ ଏବଂ ପବନ ସହିତ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି । ଆଇଏମଡି କେତେକ ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି ଯେଉଁଠାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଭାଗ ଅନୁଯାୟୀ, ଅଗଷ୍ଟ ୧୨ ସୁଦ୍ଧା ଉତର-ପଶ୍ଚିମ ବଙ୍ଗୋପସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି, ଯାହା ଉତର ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବୃଷ୍ଟିପାତର ତୀବ୍ରତା ବୃଦ୍ଧି କରିପାରେ । ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ଏକ ଉପର ବାୟୁ ଘୂର୍ଣ୍ଣିବଳୟ ସଂଚାଳନ ଜାରି ରହିଛି । ଏହା ବ୍ୟତୀତ, ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଚାରିପାଖରେ ଆଉ ଏକ ସଂଚାଳନ ମଧ୍ୟ ସକ୍ରିୟ ରହିଛି, ଯାହା ରାଜ୍ୟର ପାଣିପାଗକୁ ପ୍ରଭାବିତ କରୁଛି ।ଏହି ପ୍ରଣାଳୀର ପ୍ରଭାବରେ ଓଡ଼ିଶାରେ ବ୍ୟାପକ ହାଲୁକା ରୁ ମଧ୍ୟମ ବର୍ଷା ହେବ ଏବଂ କେତେକ ଅଂଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି ।

## ବିଦେଶରେ କ୍ରିକେଟ୍ ଖେଳିବେ ରାହାଣେ

ନୂଆଦିଲ୍ଲୀ : ଭାରତୀୟ କ୍ରିକେଟର ଅନ୍ୟତମ ଶାନ୍ତ, ସଂଯମୀ ଏବଂ ଭରସାଯୋଗ୍ୟ ବ୍ୟାଟର ହେଉଛନ୍ତି ଅଜିଙ୍କ୍ୟ ରାହାଣେ । ଯେତେବେଳେ ଦଳ ସଙ୍କଟରେ ପଡ଼େ, ସେତେବେଳେ ତାଙ୍କ ବ୍ୟାଟ୍‌ରୁ ବାହାରୁଥିବା ପ୍ରତିଟି ସଟ୍ ପ୍ରଶଂସକଙ୍କୁ ଆଶ୍ୱସ୍ତି ଦିଏ । ଏବେ ୩୮ ବର୍ଷୀୟ ଏହି ଅଭିଜ୍ଞ ବ୍ୟାଟର ଭାରତୀୟ ଘରୋଇ ତଥା ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇ ସାରିଥିଲେ ମଧ୍ୟ ତାଙ୍କ କ୍ରିକେଟ୍ ଯାତ୍ରାରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ । ବରଂ ୟୁରୋପର ପଡ଼ିଆରେ ଏକ ରୋମାଂଚକର 'ଦ୍ୱିତୀୟ ଇନିଂସ' ଆରମ୍ଭ କରିବାକୁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଜୁଲାଇ ୩୦ରେ ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ବିଦାୟ ନେଇଥିବା ରାହାଣେ ଏବେ ପ୍ରଥମ ଥର ପାଇଁ ଆୟୋଜିତ ହେଉଥିବା 'ୟୁରୋପୀୟ ଟି-୨୦ ପ୍ରିମିୟର ଲିଗ୍'ରେ ନିଜର ଜଲୱା ଦେଖାଇବେ । ବିସିସିଆଇ ନିୟମ ଅନୁଯାୟୀ ଅବସର ପରେ ଜଣେ ଖେଳାଳି ବିଦେଶୀ ଲିଗ୍‌ରେ ଖେଳିପାରିବେ, ଆଉ ରାହାଣେ ଏହି ସୁଯୋଗକୁ ହାତଛଡ଼ା କରିନାହାନ୍ତି । ଏହି ଟୁର୍ଣ୍ଣାମେଂଟରେ 'ଆମଷ୍ଟରଡାମ ଫ୍ଲେମ୍ସ' ତାଙ୍କୁ ନିଜର 'ମାର୍କି ପ୍ଲେୟାର' ଭାବେ ଚୟନ କରିଛି । ଅଷ୍ଟ୍ରେଲିଆର ତାରକା ଅଲରାଉଣ୍ଡର ମିଚେଲ ମାର୍ଶଙ୍କ



ଅଧିନାୟକତ୍ୱରେ ରାହାଣେ ପଡ଼ିଆକୁ ଓହ୍ଲାଇବେ । ଏହି ଲିଗ୍ କେବଳ ଏକ ସାଧାରଣ ଟୁର୍ଣ୍ଣାମେଂଟ ନୁହେଁ, ବରଂ ବିଶ୍ୱ କ୍ରିକେଟର ଦିଗଜମାନଙ୍କର ଏକ ମହାମିଳନ । ଆୟରଲ୍ୟାଣ୍ଡ, ସ୍କଟଲ୍ୟାଣ୍ଡ ଏବଂ ନେଦରଲ୍ୟାଣ୍ଡ କ୍ରିକେଟ ବୋର୍ଡର ମିଳିତ ପ୍ରୟାସରେ ଆୟୋଜିତ ଏହି ଲିଗ୍ ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୨୦ ଯାଏଁ ଚାଲିବ । ଏଥିରେ କେବଳ ରାହାଣେ ନୁହଁନ୍ତି, ବରଂ ଭାରତର ପୂର୍ବତନ କୋଚ୍ ରାହୁଲ ଦ୍ରାବିଡ 'ଡବଲିନ ଗାର୍ଡିଆନ୍ସ'ର ସହ-ମାଲିକ ଭାବେ ଯୋଡ଼ି ହୋଇଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ ସେହି ଦଳରେ ସାମିଲ ଅଛନ୍ତି । ଏହା ସହିତ କ୍ରିସ୍ ଗେଲ, ଷ୍ଟିଭ୍ ୱା, ମାଥ୍ୟୁ ହେଡେନ୍ ଏବଂ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଭଳି ବଡ଼ ବଡ଼ ନାଁ ଏହି ଲିଗ୍‌ର ଚମକକୁ ଦ୍ୱିଗୁଣିତ କରୁଛନ୍ତି ।

## ଭାରତୀୟ ମହିଳା ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ସୂଚୀରେ ପରିବର୍ତ୍ତନ: ଯୋଡ଼ି ହେଲା ୩ଟି ଟି-୨୦ ମ୍ୟାଚ୍

ନୂଆଦିଲ୍ଲୀ : ଚଳିତ ବର୍ଷ ଡିସେମ୍ବର ମାସରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଦକ୍ଷିଣ ଆଫ୍ରିକା ଗସ୍ତ କରିବ । ଏହି ଗସ୍ତର କାର୍ଯ୍ୟସୂଚୀରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି । କ୍ରିକେଟ୍ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷ ଘରୋଇ ମଲ୍ଟି-ଫର୍ମାଟ୍ ସିରିଜରେ ଅତିରିକ୍ତ ତିନୋଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ସାମିଲ



କରିବାକୁ ନିଷ୍ପତି ନେଇଛି । ଫଳରେ ଏହି ପୂରା ଗସ୍ତରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗୋଟିଏ ଟେଷ୍ଟ, ତିନୋଟି ଦିନିକିଆ ଏବଂ ତିନୋଟି ଟି-୨୦ ମ୍ୟାଚ୍ ଖେଳାଯିବ । ୨୦୨୭ ଫେବୃଆରୀରେ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିକୁ ଦୃଷ୍ଟିରେ ରଖି ଏହି ଟି-୨୦ ସିରିଜ୍ ଯୋଡ଼ା ଯାଇଛି । ଉଝଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଫୋଲେଟ୍ସି ମୋସେକି କହିଛନ୍ତି ଯେ, ଭାରତ ଭଳି ଶକ୍ତିଶାଳୀ ଦଳ ବିରୋଧରେ ଖେଳିବା ଦ୍ୱାରା ଦକ୍ଷିଣ ଆଫ୍ରିକା ଦଳକୁ ଚାମ୍ପିଅନ୍ସ ଟ୍ରଫି ପାଇଁ ଶ୍ରେଷ୍ଠ ପ୍ରସ୍ତୁତିର ସୁଯୋଗ ମିଳିବ । ନିକଟ ଅତୀତରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଛି । ଗତବର୍ଷ ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲରେ ଭାରତ ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱ ବିଜୟୀ ହୋଇଥିଲା । ତେବେ ଚଳିତ ବର୍ଷ ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ଭାରତକୁ ପରାସ୍ତ କରିଥିଲା । ଏବେ ଘରୋଇ ପରିବେଶରେ ଚାମ୍ପିଅନ୍ ଭାରତୀୟ ଦଳକୁ ସାମ୍ନା କରିବାକୁ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**